



# ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ ଭରିଲେ ଲେଖାଶ୍ରୀ

ବାଲେଶ୍ୱର, ୧୦।୫ (ସମିସ):

ବାଲେଶ୍ୱର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବା ବିଜେଡି ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେଥିପାଇଁ ଏକ ବିଶାଳ ଶୋଭାଯାତ୍ରାରେ ଗାନ୍ଧୀ ସ୍ମୃତି ଭବନ ଠାରୁ ବାହାରି ଷ୍ଟେସନ୍ ଛକ, ଫକୀରମୋହନ ଗୋଲେଇ, ଫାଣ୍ଡି ଛକରେ ପହଁଚିଥିଲେ । ସେଠାରେ ପାଣ୍ଡି ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିବେକାନନ୍ଦ ମାର୍ଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚିଥିଲା ଶୋଭାଯାତ୍ରା । ସେଠାରେ ସେ ଜିଲ୍ଲାପାଳଙ୍କ ନିକଟରେ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଶୋଭାଯାତ୍ରା ଗାଡିରେ ସାଂସଦ ପ୍ରାର୍ଥୀ ଡ. ସାମନ୍ତ ସିଂହାରଙ୍କ ସହ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ, ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକ, ବସ୍ତା ବିଧାୟିକା ପ୍ରାର୍ଥୀ ସୁବାସିନୀ ଜେନା, ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ, ସଦର ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ବ୍ରିଟ ଚେୟାରମେନ୍ ଆଲୋକ ସାହୁ, ଟାଉନ ମହିଳା ବିଜେଡି ସଭାପତି ମୀନା ମହାନ୍ତି ଓ ଅର୍ବାନ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କରଙ୍କ ସମେତ ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ ବାଣ, ବାଜା ଓ ଫୁଲର ବର୍ଷା ହୋଇଥିଲା । ଶୋଭାଯାତ୍ରାରେ ଯିବା ପୂର୍ବରୁ ଡ. ସାମନ୍ତସିଂହାର ମହାଦେବଙ୍କ ନିକଟରେ ଜଳ ଲାଗି କରିବା ସହ ପବିତ୍ର ଅକ୍ଷୟ ତୃତୀୟାରେ ଅଖିମୁଠି ଛୁଇଁ ଓଡ଼ିଶାରେ ଭଲ ଫସଲ ପାଇଁ ପ୍ରାର୍ଥନା କରିଥିଲେ । ପ୍ରାର୍ଥିପତ୍ର ଦାଖଲ ପରେ ଡ. ସାମନ୍ତସିଂହାର କହିଛନ୍ତି, ପ୍ରଭୁ ଜଗନ୍ନାଥ ଓ ସାଢ଼େ ୪ କୋଟି ଓଡ଼ିଆଙ୍କ ଆଶୀର୍ବାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୫ ବର୍ଷ ହେଲା ଓଡ଼ିଶାର ନେତୃତ୍ୱ ନେଇଛନ୍ତି । ତାଙ୍କ ନେତୃତ୍ୱରେ ସମ୍ମାନଜନକ ତଥା ଗୁରୁତ୍ୱପୂର୍ଣ୍ଣ ବାଲେଶ୍ୱର ଲୋକସଭା କ୍ଷେତ୍ରକୁ ଓଡ଼ିଶାରେ ନୁହେଁ ବରଂ ସମଗ୍ର ଭାରତ ବର୍ଷରେ ଏକ ନମ୍ବର ଲୋକସଭା କ୍ଷେତ୍ରରେ ପରିଣତ କରିବା ପାଇଁ ମୁଁ ପ୍ରତିଜ୍ଞା କରିଛି । ବିଜେଡି ଇସ୍ତାହାରରେ ଯୁବକ ଓ ମହିଳାଙ୍କୁ ପ୍ରାଧାନ୍ୟ ମିଳିଛି । ସେମାନଙ୍କ ଭାଗିଦାରୀରେ ଓଡ଼ିଶା ଆଗକୁ ବଢ଼ିବ' । ସେ ଆହୁରି ମଧ କହିଛନ୍ତି, ଭାଷା ଭିତ୍ତିକ ରାଜ୍ୟ ଭାବେ ଗଠିତ ଓଡ଼ିଶାକୁ ୨୦୩୬ରେ ଶହେ ବର୍ଷ ପୂର୍ତ୍ତି ହେଉଛି । ଏହି ଶହେ ବର୍ଷକୁ ସ୍ମାରକୀଭାବେ ପାଳନ କରାଯାଉଥିବାରୁ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖୁଛନ୍ତି । ତାହା ସାକାର କରିବାକୁ ଆମେ ସମସ୍ତେ ହାତ ବଢ଼ାଇଛୁ । ସେହିପରି ବେକାର ସମସ୍ୟା ଦୂର ପାଇଁ ସରକାର ନୂଆ ଶିଳ୍ପନୀତି ଆଣିଛନ୍ତି । ଏଥିରେ ଡୁବିଯାଇଥିବା ରେମୁଣାର ବିର୍ଲା ଟାୟାର୍ସ ଭଳି ଏକାଧିକ ଶିଳ୍ପର ପୁନରୁଦ୍ଧାର ସହ ନୂଆ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ ରହିଛି । ଏଥିପାଇଁ ରାଜ୍ୟ ସରକାର ୮୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରୁଛନ୍ତି । ସୁବର୍ଣ୍ଣରେଖାର ତ୍ରିକୋଣଭୂମି ଅଞ୍ଚଳକୁ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ କରାଯିବା ସହ ଏକାଧିକ ଶିଳ୍ପ ପ୍ରତିଷ୍ଠାର ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି । ଆଗାମୀ ଦିନରେ ବାଲେଶ୍ୱରବାସୀଙ୍କ ଆଶୀର୍ବାଦ ରହିଲେ ଆମେ ନିଶ୍ଚିତ ଭାବେ ବାଲେଶ୍ୱର ଲୋକସଭା କ୍ଷେତ୍ରକୁ ଓଡ଼ିଶାରେ ନୁହେଁ ବରଂ ପୁରା ଭାରତ ବର୍ଷରେ ଏକ ନମ୍ବର ଲୋକସଭା କ୍ଷେତ୍ର ଭାବେ ପରିଣତ କରାଯିବ ।



# ନାମାଙ୍କନ ପତ୍ର ଦାଖଲକଲେ ଅଶ୍ୱିନୀ




ବାଲେଶ୍ୱର, ୧୦।୫ (ସମିସ): ଚଳିତ ସାଧାରଣ ନିର୍ବାଚନ ରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ବିଜେଡିର ପ୍ରାର୍ଥୀ ରୂପେ ଜଳେଶ୍ୱର ବିଧାୟକ ତଥା ଜିଲା ବିଜେଡି ସଭାପତି ଅଶ୍ୱିନୀ କୁମାର ପାତ୍ର ଶୁକ୍ରବାର ଦିନ ପବିତ୍ର ଅକ୍ଷୟ ତୃତୀୟାରେ ସେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୪ ଓ ୨୦୧୯ ନିର୍ବାଚନରେ ଲଗାତର ବିଜୟୀ ହେଇ ଆସୁଥିବା ବରିଷ୍ଠ ବିଜେଡି ନେତା ଅଶ୍ୱନି ପାତ୍ର ଚଳିତ ନିର୍ବାଚନରେ ପୁଣି ଥରେ ଶଙ୍ଖ ଚିହ୍ନର ପ୍ରାର୍ଥୀ ହେଇ ହ୍ୟାଟ୍ରିକ ମାରିବାକୁ ଯାଉଥିବା ଯୋଗୁଁ ତାଙ୍କ କର୍ମୀ ଓ ସମର୍ଥକ ମାନେ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ଆଜି ପୂର୍ବାହ୍ନରେ ପ୍ରାର୍ଥୀ ଶ୍ରୀ ପାତ୍ର ସହସ୍ରାଧିକ ଦଳୀୟ ନେତା ଓ କର୍ମୀ ମାନଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲେ । ପରେ ଅତିରିକ୍ତ ସହକାରୀ ଉପଜିଲ୍ଲାପାଳଙ୍କ ଠାରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ଅବସରରେ ପ୍ରାର୍ଥୀ ଶ୍ରୀ ପାତ୍ର ଗଣମାଧ୍ୟମକୁ କହିଥିଲେ, ପୁଣି ଥରେ ନିର୍ବାଚନ ଲଢ଼ିବାର ସୁଯୋଗ ଦେଇ ଥିବା ଯୋଗୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଅଶେଷ ଅଶେଷ ଧନ୍ୟବାଦ ଜଣାଇଥିଲେ । ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେଡିର ଦଳୀୟ ସ୍ଥିତି ସୁଦୃଢ଼ ରହିଛି । ଏଥର ମଧ ସେ ବିଜୟୀ ହେବେ ବୋଲି ଦୃଢତାର ସହିତ କହିଛନ୍ତି ।

# ବିଦ୍ୟାସ୍ମିତାଙ୍କ ପ୍ରାର୍ଥିପତ୍ର ଦାଖଲ

ବାଲେଶ୍ୱର, ୧୦।୫ (ସମିସ): ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ଶଙ୍ଖ ଚିହ୍ନ ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକ ଶୁକ୍ରବାର ଦିନ ନିଜର ଶତାଧିକ କର୍ମୀଙ୍କ ଗହଣ ରେ ହାତୀଆଗଣ୍ଡ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଉପ ଜିଲ୍ଲାପାଳଙ୍କ କର୍ଯ୍ୟାଳୟରେ ପହଞ୍ଚିଥିଲେ । ଯେଉଁଥି ପାଇଁ ରେମୁଣାରେ ବିଜେଡି ର ସ୍ଥିତି ସୁଦୃଢ଼ ରହିଛି । ତେବେ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଦେଖିବା ଲାଗି ରେମୁଣାର ଜନ ସାଧାରଣ ବିପୁଳ ସଂଖ୍ୟାରେ ଭୋଟଦେଇ ମୋତେ ଜୟଯୁକ୍ତ କରାଇବେ ବୋଲି ବିଦ୍ୟାସ୍ମିତା କହିଛନ୍ତି । ଆଜିର ପରେ ପ୍ରାର୍ଥୀ ଶ୍ରୀମତୀ ମହାଲିକ ନିଜର ପ୍ରାର୍ଥିପତ୍ର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜ ଶିର୍କେଙ୍କ ଠାରେ ଦାଖଲ କରିଥିଲେ । ଏହି ଅବସରରେ ପ୍ରାର୍ଥୀ ବିଦ୍ୟାସ୍ମିତା ଗଣମାଧ୍ୟମକୁ କହିଥିଲେ, ରେମୁଣା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ତାଙ୍କୁ ସୁଯୋଗ ଦିଆଯାଇ ଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ଜଣାଇ ଥିଲେ । ରେମୁଣା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ହଜାରେ କୋଟିରୁ ଉର୍ଦ୍ଧ ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଆର୍ଥିକ ଅନୁଦାନ ଦେଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଏହି ନିର୍ବାଚନ ମଣ୍ଡଳୀର ରୂପ ବଦଳି ଯାଇଛି । ଅନେକ ଜନ ହିତକର ଯୋଜନାରେ ସାମିଲ ହେଇ ରେମୁଣା ବାସୀ ଉପକୃତ ହେଇଛନ୍ତି । ନାମାଙ୍କନ ପତ୍ର ଦାଖଲ ସମୟରେ ବରିଷ୍ଠ ଉପସଭାପତି ପ୍ରଭାତ ବିଶ୍ୱାଳ, ବ୍ଲକ ସଭାପତି ମନୋଜ ରାଉତ, ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଅଜୟ ମହାଲିକ, ତାପସ ପାଣିଗ୍ରାହୀ, ପ୍ରଣତି ଜେନା, ହରିଶ ଜେନା, କେଦାର ସାହୁ, ମନୋଜ ଦାସ, ଉମିଳତା ଦାସ ବିଜୟ ଦାସ, ଅଭିମନ୍ୟୁ ଦିନ୍ଦା, କବିତା ପାଣି ପ୍ରମୁଖ ଉପସ୍ଥିତ ଥିଲେ ।



## ଭୋଗରାଇ ବିଜେଡି ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କ ପ୍ରାର୍ଥିପତ୍ର ଦାଖଲ

# ସଂସ୍କୃତି ସମ୍ପନ୍ନ ସମୃଦ୍ଧ ଭୋଗରାଇ ଗଠନ ପାଇଁ ସଂକଳ୍ପ

ବାଲେଶ୍ୱର/ଭୋଗରାଇ, ୧୦।୫ (ସମିସ): ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ପବିତ୍ର ଅକ୍ଷୟ ତୃତୀୟାରେ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଭାବେ ଦଳର ରାଜ୍ୟ ମୁଖପାତ୍ର ତଥା ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ଗୌତମବୁଦ୍ଧ ଦାସ ଏକ ବିଶାଳ ଶୋଭାଯାତ୍ରାରେ ଆସି ଅତିରିକ୍ତ ସହକାରୀ ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଠାରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ଏକ ସସ୍କୃତି ସମ୍ପନ୍ନ ସମୃଦ୍ଧ ଭୋଗରାଇ ଗଠନ ପାଇଁ ପ୍ରାର୍ଥୀ ଶ୍ରୀ ଦାସ ସଂକଳ୍ପ ନେଇଛନ୍ତି ବୋଲି ପ୍ରକାଶ କରିଥିଲେ । ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଠାରୁ ଶହେରୁ ଅଧିକ ଚାରିଚକିଆ ଗାଡ଼ିରେ ହଜାର ହଜାର ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ଏକ ବିଶାଳ ଶୋଭାଯାତ୍ରା ଆସି ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ଠାରେ ପହଞ୍ଚିଥିଲା । ସେଠାରୁ ଏକ ବିଶାଳ ପଟୁଆରରେ ସମସ୍ତ ନେତା, କର୍ମୀ ଓ ସମର୍ଥକ ମାନେ ଯାଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦପ୍ତରରେ ପହଞ୍ଚିଥିଲେ । ଏହି ପଟୁଆରରେ ବିଜେଡି ଜିଲ୍ଲା ସଭାପତି ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ତଥା ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ସାଂସଦ ପ୍ରତିନିଧି ଲେଖାଶ୍ରୀ ସାମନ୍ତସିଂହାର, ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ, ଭୋଗରାଇ ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ବ୍ଲକ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ବ୍ଲକ ଉପ ସଭାପତି ତଥା ପୂର୍ବତନ ସରପଞ୍ଚ ପ୍ରଦୀପ ବେହେରା, ବ୍ଲକ ସାଧାରଣ ସମ୍ପାଦକ ହେମନ୍ତ କୁମାର ବେହେରା, ବିଜେଡି ଜିଲ୍ଲା ଉପ ସଭାପତି ତଥା ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡା, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ଭୋଗରାଇ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଦୀପକ କୁମାର ଦାସ, ଭୋଗରାଇ ବ୍ଲକ ଯୁବ ବିଜେଡି ସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଅଶୋକ ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ କୁମାର ଦତ୍ତ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ନିବେଦିତା ମହାନ୍ତି ଓ ପ୍ରତିମା ଚାନ୍ଦ, ବରିଷ୍ଠ ବ୍ଲକ କମିଟି ସଦସ୍ୟ ତଥା ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର, ପ୍ରତାପ ଚନ୍ଦ୍ର ସାଁ, ମହମ୍ମଦ ଖୁରସେଦ, ବ୍ଲକ କମିଟି ସଦସ୍ୟ ତଥା ପୂର୍ବତନ ସରପଞ୍ଚ ଅବଦୁଲ ମଜିଦ ପ୍ରମୁଖଙ୍କ ସମେତ ଭୋଗରାଇର ହଜାର ହଜାର ଦଳୀୟ ନେତା, କର୍ମୀ, ସମର୍ଥକ ଓ ଦଳ ସମର୍ଥିତ ସରପଞ୍ଚ ଏବଂ ପଞ୍ଚାୟତ ସମିତି ସଦସ୍ୟ ସଦସ୍ୟା ଏହି ବିଶାଳ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ।



# ସମର୍ଥକଙ୍କ ଗହଣରେ ନାମାଙ୍କନ ଦାଖଲକଲେ ସୁବାସିନୀ ଜେନା



ବାଲେଶ୍ୱର, ୧୦।୫ (ସମିସ):

ଅକ୍ଷୟ ତୃତୀୟା ଅବସରରେ ପ୍ରାର୍ଥିପତ୍ର ଦାଖଲ କଲେ ବିଜେଡି ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା । ଦେଶର ସପ୍ତମ ତଥା ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ମେ ୭ ତାରିଖରୁ ଆରମ୍ଭ ହୋଇଯାଇଛି ନାମାଙ୍କନ ପ୍ରକ୍ରିୟା । ଏହାରି ମଧ୍ୟରେ ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନର ଚତୁର୍ଥ ଦିନରେ ବାଲେଶ୍ୱର ସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରୁ ଏକ ବିରାଟ ପାଟ ପଟୁଆରାରେ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ବାହାରି ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ପ୍ରାର୍ଥିନୀ ସୁବାସିନୀ ଜେନା । ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ବାବା ଝାଡେଶ୍ୱର ଓ ମା' ବଗଳାମୁଖୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ଏହାପରେ । ବ୍ୟାସକବି ଫକୀରମୋହନ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ସୁବାସିନୀ । ଶଙ୍ଖ ଜିନ୍ଦାବାଦ, ନବୀନ ଜିନ୍ଦାବାଦ ଓ ସୁବାସିନୀ ଜେନା ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହୋଇ ଉଠିଥିଲା ବଲେଶ୍ୱରର ଗଗନପବନ । ଦଳୀୟ କର୍ମକର୍ତ୍ତାଙ୍କ ସହ ହଜାର ହଜାର ସମର୍ଥକ ଓ ଶୁଭେଚ୍ଛୁ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସୁବାସିନୀ ଜେନାଙ୍କୁ ନିଜ ସମର୍ଥନ ଜଣାଇଥିଲେ । ଶୁକ୍ରବାର ଦିବା ପ୍ରାୟ ୧୧.୩୦ ଘଟିକା ସମୟରେ ଉପ-ଜିଲ୍ଲପାଳଙ୍କ କାର୍ଯ୍ୟଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ । ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଅନିଲ ମହାନ୍ତି, ଚକ୍ରଧର ଗିରି, ଲକ୍ଷ୍ମୀଧର ଦାସ, ସୁବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଚଳିତ ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟ ମତଦାନ ନାମାଙ୍କନ ପତ୍ର ଦାଖଲର ଚତୁର୍ଥ ଦିନରେ ନିର୍ବାଚନ ମଣ୍ଡଳୀର ନେତା, କର୍ମୀ ଓ ସମର୍ଥକ ମାନଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ପରେ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ଶିର୍କେଙ୍କ ଠାରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ଅବସରରେ ପ୍ରାର୍ଥୀନୀ ସୁବାସିନୀ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଥିଲେ, ବସ୍ତା ଭଳି ଏକ ଐତିହାସିକ ନିର୍ବାଚନ ମଣ୍ଡଳୀରେ ତାଙ୍କୁ ଶଙ୍ଖ ଚିହ୍ନର ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦିଆଯାଇ ଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକତାର ସହିତ କୃତଜ୍ଞତା ପ୍ରକାଶ କରିବା ପୂର୍ବକ ଅଶେଷ ଅଶେଷ ଧନ୍ୟବାଦ ଜଣାଇଥିଲେ । ନବୀନ ସରକାରଙ୍କ ପକ୍ଷରୁ ସାଧାରଣ ଜନତାଙ୍କ ପାଇଁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମମତା, ହରିଶ୍ଚନ୍ଦ୍ର, ବିଏସକେୱାଇ ଓ ମିଶନ ଶକ୍ତି ଭଳି ଜନ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ସବୁ ଯୋଜନାର ଉପକାରୀତା ବାବଦରେ ଘରେଘରେ ବୁଲି ଭୋଟ ଭିକ୍ଷା କରିବେ ବୋଲି ପ୍ରାର୍ଥୀନୀ ଜେନା କହିଛନ୍ତି । ବସ୍ତା ନିର୍ବାଚନ ମଣ୍ଡଳୀର ଜନ ସାଧାରଣ ମଧ ଏହି ସବୁ ଯୋଜନା ସମ୍ପର୍କରେ ଅବଗତ ଅଛନ୍ତି । ଦୀର୍ଘବର୍ଷ ଧରି ଏହି ନିବାଚନ ମଣ୍ଡଳୀରେ ବିଜେଡି କ୍ଷମତାରେ ରହିଛି । ଏଥର ମଧ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ତାର ବିଜୟ ଧ୍ୱଜା ନିଶ୍ଚିତ ଉଡାଇବ । ଚଳିତ ନିର୍ବାଚନରେ ସେ ୫୦ହଜାର ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ଦୃଢତାର ସହିତ ସୁବାସିନୀ କହିଛନ୍ତି ।

## ନୃତ୍ୟ ସଙ୍ଗୀତ କଳାମନ୍ଦିର ପକ୍ଷରୁ ଶ୍ରୀଜୟଦେବ ଜୟନ୍ତୀ




ବାଲେଶ୍ୱର, ୧୦।୫(ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ମହାନ କାବ୍ୟ ଗୀତଗୋବିନ୍ଦର ସ୍ରଷ୍ଟା କବି ଜୟଦେବଙ୍କ ଜୟନ୍ତୀ ନୃତ୍ୟ ସଙ୍ଗୀତ କଳା ମନ୍ଦିର ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସଂସ୍କୃତ ଗୀତି କବିତା କବି ଜୟଦେବ ଆରମ୍ଭ କରିଥିଲେ। ଏକାଦଶରୁ ଷୋଡ଼ଶ ଶତାବ୍ଦି ମଧ୍ୟରେ ବିଭିନ୍ନ କବିତା ଲେଖି ସେ ଜନଜୀବନରେ ଏକ ଅଭୁତ ପୂର୍ବ ପରିବର୍ତ୍ତନ ଆଣିଥିଲେ। ସଂସ୍କୃତ କବି ଜୟଦେବଙ୍କ ଜୟନ୍ତୀରେ ଏପରି ମତପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠାନର ଛାତ୍ରୀମାନେ ଆବାହନ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୀତଗୋବିନ୍ଦ ଓ କବି ଜୟଦେବଙ୍କ ମଧ୍ୟରେ ବିଶ୍ଳେଷଣାତ୍ମକ ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଭୁବନମୋହନ ପ୍ରଧାନ, ମନୋରଞ୍ଜନ ଦାସ, ପ୍ରଭାକର ଦାସ ଓ କଳା ମନ୍ଦିର ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଗୀତ ଗୋବିନ୍ଦରୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ଶୁଭ ମୁହୂର୍ତ୍ତରେ ଭରିଲେ ନାମାଙ୍କନ



ବାଲେଶ୍ୱର, ୧୦।୫(ସମିସ): ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ପାଇଁ ଆଜି ବାଲେଶ୍ୱରରେ ଚତୁର୍ଥ ଦିନର ନାମାଙ୍କନ ପତ୍ର ଦାଖଲ ହୋଇଛି। ଏହି ଦିନ ଅର୍ଥାତ୍ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁଇ ଦଳର ସାଂସଦ ପ୍ରାର୍ଥୀ ଏବଂ ୬ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ନିକଟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଦୁଇ ଜଣ ସାଂସଦ ପ୍ରାର୍ଥୀଙ୍କ ନାମାଙ୍କନ ଭରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିରଞ୍ଜନ ବେହେରାଙ୍କ ନିକଟରେ ସିମୁଳିଆ ଓ ସୋର ନିର୍ବାଚନ ମଣ୍ଡଳୀର ୬ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଚଳିତ ମାସ ୭ ତାରିଖ ପାଖରୁ ଆରମ୍ଭ ହୋଇଛି ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଆଜି ଚତୁର୍ଥ ଦିନ ଅକ୍ଷୟ ତୃତୀୟା ଥିବାରୁ ଶୁଭ ମହୁରତରେ ଅନେକ ପ୍ରାର୍ଥୀ ନାମାଙ୍କନ ପାଇଁ ପହଞ୍ଚିଥିଲେ। ଏହି ଦିନ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଦାଖଲ କରିଥିବା ବେଳେ ଶେଷ ବେଳକୁ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ଚତୁର୍ଥ ଦିନରେ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟିକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଏବଂ ତାଙ୍କ ପତ୍ନୀ ପ୍ରଜ୍ଞା ପରମିତା ବେହେରା ସ୍ୱାର୍ଥୀନ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟିକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଏବଂ କିଛି ସମର୍ଥକଙ୍କୁ ନେଇ ସିମୁଳିଆ ନିର୍ବାଚନ ମଣ୍ଡଳୀରୁ ବହୁଜନ ସମାଜ ପାର୍ଟିର ବିଧାୟକ ପ୍ରାର୍ଥୀ (ବିଏସପି) ପୃଥ୍ୱୀରାଜ ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ କରିଛନ୍ତି। ସୋର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଧଡା ନାମାଙ୍କନ ଦାଖଲ କରିଛନ୍ତି।

## ଗାଡ଼ି ସହ ୧୫ ଗୋରୁ ଉଦ୍ଧାର, ୩ ଗିରଫ

ଜଳେଶ୍ୱର ବ୍ଲକ, ୧୦।୫ (ସମିସ): ଜଳେଶ୍ୱର ଥାନା ୬୦ ନମ୍ବର ଜାତୀୟ ରାଜପଥ ପାଲଟିଛି ଗୋ ମାଫିଆଙ୍କ ଆ‡। ସ୍ଥଳୀ। ଆନ୍ଧ୍ର ପ୍ରଦେଶରୁ କଲିକତା ଯାଉଥିବା ଗୋରୁ ବୋଝେଇ ଗାଡ଼ି ଜଳେଶ୍ୱର ୬୦ ନମ୍ବର ଜାତୀୟ ରାଜପଥ ଲକ୍ଷ୍ମଣନାଥ ଗେଟ ପାର ହୋଇ ଗୋଟିଏ ଆଇଚର ଗାଡ଼ିରେ ଯାଉଥିବା ସମୟରେ ଜଳେଶ୍ୱର ପୁଲିସ ଗାଡିଟିକୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରୁଥିବା ବେଳେ ଗାଡିରୁ ୧୫ ଟି ଗୋରୁକୁ ଉଦ୍ଧାର କରା ଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଡ୍ରାଇଭର ସହ ତିନି ଜଣଙ୍କୁ ଗିରଫ କରି କୋର୍ଟ ହାଜକୁ ପଠାଇ ଦେଇଛି। ପରେ ସମସ୍ତ ଗୋରୁକୁ ଉଦ୍ଧାର କରି ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି।

## ଲୁଟ୍ ଘଟଣାରେ ୩ ଗିରଫ



ସୋର, ୧୦।୫(ସମିସ): ଗତ ୭ ତାରିଖ ରାତିରେ ମୁଗୁନିପୁର ଗ୍ରାମ ନିକଟରୁ ଜଣେ ଯୁବକଙ୍କୁ ଅଟକାଇ ଟଙ୍କା, ମୋବାଇଲ ଏବଂ ବାଇକ ଲୁଟ ଘଟଣାରେ ସୋର ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତ ୭ ତାରିଖରେ ସନ୍ତରାଗଡ଼ିଆ ଗ୍ରାମର ବଳଭଦ୍ର ପାତ୍ରଙ୍କ ପୁଅ ଚିନ୍ମୟ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ଏ ବାବଦରେ ବଳଭଦ୍ର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବା ବେଳେ ଚିନ୍ମୟ ତାଙ୍କର ଜଣେ ସମ୍ପର୍କୀୟ କ୍ଷିରୋଦ ପାତ୍ରଙ୍କୁ ଫୋନ ଯୋଗେ ଈଶ୍ୱରପୁରରେ ଥିବା କହିଥିଲେ। ଫଳରେ କ୍ଷିରୋଦ ବାଇକ ଯୋଗେ ରାତିରେ ଈଶ୍ୱରପୁରରେ ପହଞ୍ଚି ଖୋଜାଖୋଜି କରି ନ ପାଇ ବିଦୁ ଅଭିମୁଖେ ଆସୁଥିଲେ। କିନ୍ତୁ ମୁଗୁନିପୁର ଛକ ନିକଟରେ ଏକ ବାଇକରେ ତିନି ଜଣ ଯୁବକ ଆସି ତାଙ୍କୁ ଛୁରୀ ଏବଂ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ୫ ହଜାର ଟଙ୍କା, ମୋବାଇଲ ଏବଂ ବାଇକ ଟିକୁ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ବାବଦରେ ଖବର ପାଇ ବଳଭଦ୍ର ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ପୁଲିସ ଗତକାଲି ବିଳମ୍ବିତ ରାତିରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଶ୍ରୀଜଙ୍ଗ ଗ୍ରାମର ଦୀପକ ମଳିକ (୨୩), ବରିପଦା ଗ୍ରାମର ଜଗନ୍ନାଥ ମଳିକ (୨୬) ଏବଂ ପାଟଣା ଗ୍ରାମର ରଞ୍ଜନ ଦାସ(୨୪) କୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସେମାନଙ୍କ ନିକଟରୁ ଲୁଟ ବାଇକ, ଏକ ତେଲେଙ୍ଗା କଟୁରୀ ଏବଂ ଏକ ଖଣ୍ଡାକୁ ଜବତ କରିଛି।

## ମହୁମାଛି ଆକ୍ରମଣରେ ୮ ଆହତ

ସୋର, ୧୦।୫(ସମିସ): ସୋର ପୌରପାଳିକା ଅନ୍ତର୍ଗତ ୧୦ ନଂ ୱାର୍ଡ ର ଶ୍ରୀଧର ପତ୍ରୀଙ୍କ ବାସଭବନରେ ଆଜି ମଧ୍ୟାହ୍ନରେ ଚଉରା ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ଆଦର୍ଶ ଯୁବ ପରିଷଦର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ଏହି ସମୟରେ ହଠାତ ମହୁମାଛି ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରେ ସଂଗଠନର ୪ ଜଣ ସଦସ୍ୟଙ୍କ ସମେତ ପୂଜାରେ ବସିଥିବା ବ୍ରାହ୍ମଣ ଓ କର୍ତ୍ତା ଶ୍ରୀଧର ପତ୍ରୀ ମଧ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସମସ୍ତେ ଚିକିତ୍ସାଧିନ ଥିବା ଜଣାପଡ଼ିଛି। ଆହତ ମାନେ ହେଲେ ଶ୍ରୀଧର ପତ୍ରି, ସଞ୍ଜୟ ନାୟକ, ପୃଥିବୀ ବେହେରା, ରଜତ ବେହେରା, ଚନ୍ଦନ ଜେନା, ସୁବାଷ ବେହେରା, ଅଜିତ ବେହେରା ଓ ଯଦୁନାଥ ଧଡ଼ା।

## ମାଧବ ଧଡ଼ାଙ୍କ ନାମାଙ୍କନ



ବାଲେଶ୍ୱର, ୧୦।୫ (ସମିସ): ସୋର ନିର୍ବାଚନ ମଣ୍ଡଳୀ ବିଜେଡିର ବିଧାୟକ ପ୍ରାର୍ଥୀ ମାଧବ ଧଡା ସମର୍ଥକଙ୍କ ସହ ଅତିରିକ୍ତ ଜିଲ୍ଲାପାଳଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଶ୍ରୀ ଧଡା କହିଛନ୍ତି, ସୋରକୁ ବିକଶିତ ନିର୍ବାଚନ ମଣ୍ଡଳୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋତେ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଏହି ନିର୍ବାଚନ ମଣ୍ଡଳୀ ବିକଶିତ କରିବା ପାଇଁ ଯାହା ଯାହା ଆବଶ୍ୟକ ପଡ଼ିବ ମୁଖ୍ୟମନ୍ତ୍ରୀ ମୋତେ ସହଯୋଗ କରିବେ ବୋଲି ମୋର ଆଶା ଅଛି। ସମସ୍ତଙ୍କ ସମର୍ଥନରେ ଏଥର ସୋର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ଆଶୀର୍ବାଦ ପାଇବାକୁ ଯାଉଛି। ଆମ କାମ ନିଶ୍ଚିତ ଭାବେ କଥା କହିବ।

## ପଟିଦିଅଁ ଅଙ୍କନ ପାଇଁ ଚିତ୍ରକରଙ୍କୁ ମିଳିଲା ସ୍ୱୀକୃତି



ବାଲେଶ୍ୱର, ୧୦।୫(ସମିସ): ଅକ୍ଷୟ ତୃତୀୟା ଅବସରରେ ଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରଥା ପରମ୍ପରା ପଟିଦିଅଁ ଅଙ୍କନ ପାଇଁ ୬ଟି ଜଗନ୍ନାଥ ମନ୍ଦିରରୁ ଚିତ୍ରକରଙ୍କୁ ସ୍ୱୀକୃତି ମିଳିଲା। ଜଗନ୍ନାଥ (ଅନନ୍ତ ନାରାୟଣ) ପାଇଁ ଶିଳ୍ପୀ କେଶୁ ଦାସ, ସୁଭଦ୍ରା (ଭୁବନେଶ୍ୱରୀ) ପାଇଁ ଭବାନୀ ଶଙ୍କର ନାୟକ ଓ ବଳଭଦ୍ର (ଅନନ୍ତ ବାସୁଦେବ) ପାଇଁ ଦେବାଶିଷ ପତି ବାଲେଶ୍ୱରର ନୀଳଗିରି, ଶାସଙ୍ଗ, ଜୟଦେବକସବା, ଗଣେଶ୍ୱରପୁର, ରେମୁଣା ଓ ଦୁବଲାଗଡ଼ି ଜଗନ୍ନାଥ ମନ୍ଦିରରୁ ପାରମ୍ପରିକ ରୀତିରେ ମନ୍ଦିରର ମୁଖ୍ୟ ପୂଜକଙ୍କଠାରୁ ସ୍ୱୀକୃତି ଗ୍ରହଣ କଲେ। ପଟ୍ଟିଦିଅଁ ଅଙ୍କନ ଉତ୍ସବରେ ଯୋଗଦାନ କରିବାକୁ ଥିବା ଚିତ୍ରକର ଅରୁଣ କୁମାର ବାରିକ, ଗଦାଧର ମହାନ୍ତି, ରୂପକ ଦାସ, ପପୁନ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ନୀଳଗିରିର ଦୀନବନ୍ଧୁ କର, ବ୍ରହ୍ମା ପୁଣ୍ୟ ଶ୍ଳୋକ ନନ୍ଦ, ବ୍ରହ୍ମା ସରୋଜ ନନ୍ଦ, ସାଶଙ୍ଗର ପ୍ରଭାସ ଦାସ, ବିକାଶ ଦାସ, ଜୟଦେବ କସବାର ବିଜୟ ସତପଥୀ, ଜୀବନ ଶତପଥୀ, ଗଣେଶ୍ୱରପୁରର ଲକ୍ଷ୍ମୀ ନାରାୟଣ ପାଣି, ମନୋରଞ୍ଜନ ଦାସ, ଭବାନୀ ଶଙ୍କର ହୋତା, ରେମୁଣା ସତ୍ୟ ପଣ୍ଡା, ରବୀନ୍ଦ୍ର କୁମାର ଚନ୍ଦ, ବାସନ୍ତୀ ଚନ୍ଦ ଓ ଦୁବଲାଗଡ଼ିର ଆରତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଗତ ବର୍ଷ ପରି ଚଳିତ ବର୍ଷ ଆସନ୍ତା ଜୁନ୍ ତା ୧୭ ରୁ ୨୨ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ୬ ଦିନଧରି ନୋସି କଲଚୁରାଲ ଏକାଡେମି ଦ୍ୱାରା ନୋସି ବିଜନେସ ପାର୍କର ଉତ୍କଳା ପରିସରରେ ପଟିଦିଅଁ ଅଙ୍କନ ଉତ୍ସବ ଯଥାବିଧି ପାଳନ କରାଯିବ ବୋଲି ପଟିଦିଅଁ ଅଙ୍କନ ଉତ୍ସବର ଆବାହକ ଶିଳ୍ପୀ କେଶୁ ଦାସ ଜଣାଇଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

ଚୌକି, ୧୦।୫(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ବାଉଁଶଡିହାଠାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଲେ ଭୋଗରାଇ ବ୍ଲକ ସିଆରୁଇ ପଞ୍ଚାୟତର ଉପଳାହାଟ ଗ୍ରାମର ଶ୍ରୀମନ୍ତ ମୁଖୀ (୪୨)। ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜ ପଥ ବାଉଁଶଡିହା ଠାରେ ଶ୍ରୀମନ୍ତ କୌଣସି ଏକ କାର୍ଯ୍ୟରେ ଯାଉଥିବା ବେଳେ ତାଙ୍କୁ ଏକ ବାଇକ ପଛପଟୁ ଧକ୍କା ଦେଇଥିଲେ। ଫଳରେ ସ୍ଥାନୀୟ ଲୋକଙ୍କ ସହାୟିତା ରେ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିବା ଦେଖିବାକୁ ମିଳିଛି।

## ପିଏକ୍ସଇରେ ଗ୍ରୀଷ୍ମକାଳୀନ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ



ବାଲେଶ୍ୱର, ୧୦।୫(ସମିସ): ଚାନ୍ଦିପୁରସ୍ଥିତ ପିଏକ୍ସଇରେ ବିଜ୍ଞାନ ସ୍ନାତକଧାରୀ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗ୍ରୀଷ୍ମକାଳୀନ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବ୍ୟାଚରେ ୬୪ ଛାତ୍ରଛାତ୍ରୀ ଭାରତର ବିଭିନ୍ନ ଅନୁଷ୍ଠାନରୁ ଆସି ଇଣ୍ଟର୍ଣ୍ଣସିପ୍ ପାଇଁ ନାମ ଲେଖାଇଛନ୍ତି। ଏ ନେଇ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରତିରକ୍ଷା କ୍ଷେତ୍ରରେ ଅସ୍ତ୍ରଶସ୍ତ୍ର ପରୀକ୍ଷା ଏବଂ ମୂଲ୍ୟାଙ୍କନ ପାଇଁ ଏକ୍ସପୋଜର୍ ପ୍ରଦାନ କରିବା ମୂଳ ଉଦ୍ଦେଶ୍ୟ। ଏହା ପ୍ରତିରକ୍ଷା ସମ୍ବନ୍ଧୀୟ ଶିଳ୍ପ କ୍ଷେତ୍ରରେ କ୍ୟାରିୟର ଗଠନ କରିବାକୁ ସାହାଯ୍ୟ କରିବ। ପିଏକ୍ସଇ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ ପ୍ରତିରକ୍ଷା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଡ. ପି.କେ ଦାସ ଏବଂ ଡ. ଏଚ. ଏସ ପଣ୍ଡା ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ କାମ କରିବା ପାଇଁ ଉତ୍ସାହିତ କରିଥିଲେ। ଡ଼. ଶଙ୍କର୍ଷଣ ପାଢ଼ୀ ପିଏକ୍ସଇ କାର୍ଯ୍ୟକଳାପ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ପିଏକ୍ସଇ ଡିଆରଡିଓ ଅଧୀନରେ ଥିବା ଏକ ଆର୍ଟିଲାରି ଟେଷ୍ଟ ରେଞ୍ଜ ଅଟେ। ଏହା ଇଞ୍ଜିନିୟର ମାନଙ୍କୁ ଏକ୍ସପୋଜର୍ ଯୋଗାଇବାର ପ୍ରମୁଖ ଭୂମିକା ରହିଛି। ଏହା ବିଜ୍ଞାନ ସ୍ନାତକଧାରୀ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ମେକ୍ ଇନ୍ ଇଣ୍ଡିଆରେ ତାଙ୍କର କାର୍ଯ୍ୟ ଦକ୍ଷତା ତଥା ଦେଶକୁ ଆଗେଇ ନେବାରେ ସାହାଯ୍ୟ କରିବ।

## ସ୍ୱାଧୀନ ସାଂସଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ସୋର, ୧୦।୫(ସମିସ): ଥମୁନି ବିଜେପି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ବିରୋଧ। ଦଳ ରାଜେନ୍ଦ୍ର ଦାସଙ୍କ ନାମ ଘୋଷଣା କରିବା ଦିନ ଠାରୁ ବିଜେପି କାର୍ଯ୍ୟାଳୟ ବନ୍ଦ ରଖି ସୋର ବିଜେପି ନେତା ମାନେ ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ଆଶାୟୀ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିବା ପାଇଁ ନେତା ମାନେ ବାରମ୍ବାର ଦଳୀୟ ମୁଖିଆଙ୍କ ନିକଟରେ ଦାବି କରୁଛନ୍ତି। ରାଜେନ୍ଦ୍ର ଦାସଙ୍କ ପ୍ରାର୍ଥିତ୍ୱ ପରିବର୍ତ୍ତନ କରାନ ଗଲେ ଦଳ ଉଭୟ ସଂସଦୀୟ କ୍ଷେତ୍ର ଏବଂ ବିଧାନସଭା କ୍ଷେତ୍ରରେ ସ୍ୱାଧୀନ ପ୍ରାର୍ଥୀ ଦେବ ବୋଲି ଦଳର ନେତା ମାନେ ଘୋଷଣା କରିଥିଲେ। ସେହି କ୍ରମରେ ଆଜି ଭଦ୍ରକ ସଂସଦୀୟ କ୍ଷେତ୍ର ପାଇଁ ସାଂସଦ ପ୍ରାର୍ଥୀ ଭାବେ ଟେଣ୍ଟେଇ ସରପଞ୍ଚ ଲକ୍ଷ୍ମୀକାନ୍ତ ମଳିକ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶ୍ରୀ ମଳିକ ଆଜି ପୂର୍ବାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଥିବା ରିଲିଆନ୍ସ ପେଟ୍ରୋଲ ପମ୍ପ ନିକଟରୁ ନିଜ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ଆଗାମୀ ଦିନରେ ସୋରରୁ ଜଣେ ସ୍ଥାନୀୟ ଆଶାୟୀ ନେତାଙ୍କୁ ପ୍ରାର୍ଥୀ କରା ନ ଗଲେ ଦଳରୁ ଜଣେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ବୋଲି ବିଜେପି ନେତା ମାନେ ସୂଚନା ଦେଇଛନ୍ତି।

# ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବାଲେଶ୍ୱର, ୧୦।୫(ସମିସ): ପୌରପରିଷଦ ୨୪ ନଂ. ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ବିଜୁ ଜନତା ଦଳ ଏକମାତ୍ର ଦଳ ଯେ କି ଓଡ଼ିଶାର ସ୍ୱାର୍ଥ ପାଇଁ ସମର୍ପିତ ଏବଂ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ପ୍ରତିବଦ୍ଧ ବୋଲି କହିଥିଲେ। ସାଂସଦ ପାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କ ଘରକୁ ଘର ଯାଇ ବୁଝାଇଥିଲେ ଏବଂ ଆସନ୍ତା ଜୁନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପ୍ରାର୍ଥିଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଭିକ୍ଷା କରିଥିଲେ। ୨୪ ନଂ ୱାର୍ଡର କାଉନସିଲର ମୀନା ମହାନ୍ତିଙ୍କ ନେତୃତ୍ୱରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ଯୁବ ନେତା ସୁବୋଧ ମହାନ୍ତି, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, ନାରୀନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ ସମାରୋହ

# କ୍ଷେତରେ ପୂଜାର୍ଚ୍ଚନା ପରେ ଧାନ ବିହନ ବୁଣି ଅନୁକୂଳ







ନୀଳଗିରି, ୧୦।୫ (ସମିସ):

ଆଜି କୃଷକ ତା'ର କୃଷି କ୍ଷେତରେ ବିହନ ଅନୁକୁଳ ଦିବସ କୁ ଅକ୍ଷୟ ତୃତୀୟା ଭାବେ ପାଳନ କରିଥାଏ। ଏହି ଅବସରରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ପାଳନ ସମାରୋହ ଶେରଗଡ଼ସ୍ଥିତ ସରକାରୀ ବିହନ ଫାର୍ମ ପରିସରରେ ପାଳିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରଥମେ ଫାର୍ମ ପରିସରରେ ଥିବା କ୍ଷେତରେ ପୂଜାର୍ଚ୍ଚନା ପରେ ଧାନ ବିହନ ବୁଣି ଅନୁକୂଳ କରାଯାଇଥିଲା। ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଶ୍ରୀ ମହାପାତ୍ର ଏଥିରେ ମଞ୍ଚ ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ ସ୍ୱାଗତ ଭାଷଣ ଓ ପରେ ଅକ୍ଷୟ ତୃତୀୟା ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପଶୁସମ୍ପଦ ମୁଖ୍ୟ ଅଧିକାରୀ ଡ. ରଞ୍ଜନ କୁମାର ଦାସ, ଜିଲ୍ଲା କେଭିକେର ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ, ଜଳ ବିଭାଜିକା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା, ସୋର କୃଷି ଜିଲ୍ଲା ଅଧିକାରୀ ଅଶୋକ କୁମାର ଦାସ, ନୀଳଗିରି ଉପଖଣ୍ଡ ଜିଲ୍ଲା କୃଷି ଅଧିକାରୀ ସୁମନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ଥାଇ କୃଷି ଓ କୃଷକ ସମ୍ପର୍କିତ ବିଷୟ ବସ୍ତୁ ଉପରେ ନିଜ ନିଜର ବହୁ ମୂଲ୍ୟ ମତବ୍ୟକ୍ତ କରିଥିଲେ। ଶେଷରେ ସରୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଦିବସ ପାଳନ ଅବସରରେ ସ୍ଥାନୀୟ ଶତାଧିକ କୃଷିବିତ ଉପସ୍ଥିତ ଥିଲେ।

**ବଲରାମପୁର :** ଓଡ଼ିଶାର ପରମ୍ପରାକୁ ସାଇତି ରଖିବା, ମନେ ପକାଇବ ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ତରଫରୁ ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡ଼ିଆ ଗ୍ରାମପଞ୍ଚାୟତସ୍ଥିତ ନାରାୟଣପୁରଠାରେ ଓଡ଼ିଆ ପରମ୍ପରାର, ସଂସ୍କୃତି ଏବଂ ଅସ୍ମିତାର ପ୍ରତିକ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ପରିଷଦର ଆବାହକ ବିକାଶ ଗିରି ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପରିଷଦର ଅଧ୍ୟକ୍ଷ ଧୀରେନ୍ଦ୍ର ନାଥ ହାଜିରା, ବଳରାମ ଦାସ, କୁମୁଦ ପରିଡ଼ା, ରମାନାଥ ପରିଡ଼ା, ବିଦ୍ୟାଧର ପରିଡ଼ା, ଭକ୍ତହରି ଦାସ, ରାମ କୁହ୍ଲାରୀ, ଚକ୍ରଧର ମଣ୍ଡଳ, ବୈରାଗୀ ଦାସ, ଦେବେନ୍ଦ୍ର ପିଳା, ଅଜିତ କର, ସୁଧାଂଶୁ ମହାନ୍ତି, ଲମ୍ବୋଦର ପଡ଼ିଆରୀ, ସୁଜୟ ଗିରି, ଅଶୋକ କୁହ୍ଲାରୀ, ଦେବ ରଣଜିତ୍, ବଳରାମ ପାତ୍ର ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ ଲଙ୍ଗଳ କରି ଧାନ ବୁଣାଇ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରି ଚାଷୀମାନଙ୍କର ମଙ୍ଗଳ କାମନା କରିଥିଲେ।

**ରଥ ଅଖରେ ଲାଗିଲା ଚକ :** ଆଜି ପବିତ୍ର ଅକ୍ଷୟ ତୃତୀୟାରେ ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୀଳଗିରି ଜଗନ୍ନାଥ ମନ୍ଦିରର ରଥ ଅଖରେ ଲାଗିଲା ଚକ। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦାୟିତ୍ୱରେ ଥିବା ଠାକୁର ମାହାଲର ମୁଖ୍ୟ ତଥା ରାଜବଂଶୀ ଉତ୍ତରାଧିକାରିଣୀ ମନୋଜା ମଞ୍ଜରୀ ଦେବୀ ଜଗନ୍ନାଥଙ୍କଠାରେ ବୈଦିକ ରୀତି ନୀତି ଅନୁସାରେ ରଥ କାଠକୁ ପୂଜାର୍ଚ୍ଚନା କରିବା ପରେ ରଥର ଅଖ ସହିତ ଚକ ଲଗାଯାଇଥିଲା। ଠାକୁର ମାହାଲର ସମସ୍ତ କର୍ମକର୍ତ୍ତା, ମନ୍ଦିର ପୂଜକ, ଏବଂ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

**ଚନ୍ଦନେଶ୍ୱର :** ଭୋଗରାଇର ବିଭିନ୍ନ ପଞ୍ଚାୟତର କୃଷକ ଏହି ଦିନ ଅମୃତ ବେଳାରେ ଅଖିମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଆନ୍ତି। ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ମାନ ଅନୁଷ୍ଠିତ ହୁଏ। କୃଷକ ଗୃହିଣୀ ଏକ ବେତ ଟୋକେଇ ଓ ଗଉଣୀକୁ ଗୋବରରେ ଲେପନ କରି ଶୁଦ୍ଧ କରିଥାଏ। ଧାନ କ୍ଷେତରେ ପୂଜା ପାଇଁ ପାଣି ଢାଳ, ଫୁଲ, ଚନ୍ଦନ, ଗୋଟା ଗୁଆ, ନଡ଼ିଆ, ଭୋଗ, ଦୀପ, କ୍ଷୀର ଇତ୍ୟାଦି ଏକାଠି କରେ। ତା'ପରେ କୃଷକ ଟୋକେଇ ଓ ଗଉଣୀକୁ ମୁଣ୍ଡାଇ କାନ୍ଧରେ କୋଡ଼ି ରଖି କ୍ଷେତକୁ ଶୁଭଯାତ୍ରା କରେ। ଆଉ କେଉଁ ଚାଷୀ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡାଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ସମର୍ପି ଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ। କିନ୍ତୁ ଚଳିତ ବର୍ଷ ଟୁକରୀହାଜିରା, ଫୁଲବଣୀ, ଆଉସା, ତରାସିଆ, ବାରବାଟିଆ, ହାମୁରିଆ, ସରବଣୀ, ନାଫରାଇ ପାଣ୍ଡ ଆଦି ଭୋଗରାଇର ଅଧିକାଂଶ କ୍ଷେତରେ ଧାନକଟା ସରିନଥିଲେ ହେଁ ଆଜିର ଦିନରେ କୌଳିକ ପ୍ରଥା ମୁତାବକ ଚାଷୀ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ ଅକ୍ଷୟତୃତୀୟା ଅଖିମୁଠି କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଏହି ଦିବସର ଗୁରୁତ୍ୱକୁ ଉପଲବ୍ଧିକରି ସରକାର ଏହି ଦିନକୁ 'କୃଷକ ଦିବସ' ଭାବରେ ପାଳନ କରୁଛନ୍ତି।

**ବଲରାମପୁର :** ବାଲିଆପାଳର ଖଗଡ଼ାପାଳସ୍ଥିତ ପ୍ରସିଦ୍ଧ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥଙ୍କ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ ହୋଇଛି। ସ୍ଥାନୀୟ ହାସିମପୁର ଗ୍ରାମରେ ଗଛ ଚିହ୍ନଟ କରାଯାଇଥିଲା। ଏଥିପାଇଁ ପ୍ରାତଃରେ ଚିହ୍ନଟ ଦାରୁ ଗୁଡ଼ିକୁ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିରର ମୁଖ୍ୟ ପୂଜକ ବିଷ୍ଣୁ ପଦ ପାଠୀ, ବଳଦେବ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ମନ୍ଦିର ଟ୍ରଷ୍ଟ ବୋର୍ଡ ର ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ମୁରଲୀ ମୋହନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ



**ଜଳେଶ୍ୱର ବ୍ଲକ, ୧୦।୫ (ସମିସ) :** ପ୍ରଚଣ୍ଡ ରୌଦ୍ରତାପରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ତୃଷା ମେଣ୍ଟାଇବା ପାଇଁ ପବିତ୍ର ଅକ୍ଷୟ ତୃତୀୟା ଶୁଭ ଅବସରରେ ଛମୌଜ ଜଗନ୍ନାଥ ମନ୍ଦିର ପରିସରରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ରୋଟାରୀ କ୍ଲବ ଅଫ ଜଳେଶ୍ୱର ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍ଘାଟନ ହୋଇ ଯାଇଛି।ଯାଜପୁର ଜିଲ୍ଲା କଇଁଚି ଶାସନ ଅଞ୍ଚଳର ସ୍ୱର୍ଗତ ସୁଲୋଚନା ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଆୟୋଜିତ ଲୋକାର୍ପିତ ଉତ୍ସବକୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ରୋଟାରୀ କ୍ଲବ ଅଫ ଜଳେଶ୍ୱରର ସଭାପତି ମଣିଭଦ୍ର ଜେନା, ସମ୍ପାଦକ ମାନସ ରଞ୍ଜନ ମହାନ୍ତି, ସଭ୍ୟ ପ୍ରବୀର କୁମାର ପ୍ରଧାନ, ସୁବ୍ରତ କୁମାର ରଣା, ତାରାପଦ ମହାନ୍ତି, ବିକାଶ ଧର, ନନ୍ଦନ କୁମାର ଦତ୍ତ, ଲକ୍ଷ୍ମୀଧର ହାଁସଦା, ଭାସ୍କର ସ୍ୱାଇଁ, ରାଜେଶ କୁମାର ଖଟୁଆ, ରାଜ କିଶୋର ହୁଇ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ରୋଟାରୀ କ୍ଲବ ସଦସ୍ୟ ମାନେ ବ୍ୟବସ୍ଥା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୋପୀମୋହନପୁର ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ଜେନା, ଅଭିଲାଷ ଜେନା, ଗଣେଶ ଚନ୍ଦ୍ର ପରିଡ଼ା, ଶୋଭାରାଣୀ ପ୍ରଧାନ, ଭାଗବତ ଦାସ, ପାର୍ଥ ସାରଥି ଦାସ ଓ ମନ୍ଦିର କମିଟିର ପୂଜକ ବିନୋଦ ମହାପାତ୍ର, କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନିର୍ବାଚନର ସପ୍ତାହକ ପୂର୍ବରୁ ମଦ ଦୋକାନ ବନ୍ଦ ଦାବି

**ଜଳେଶ୍ୱର ବ୍ଲକ, ୧୦।୫ (ସମିସ):** ମିଳିତ ନିଶା ନିବାରଣ ଅଭିଯାନର ଜଳେଶ୍ୱର ବ୍ଲକ କମିଟି ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ସ୍କୁଲରେ ଅନୁଷ୍ଠିତ ହୋଇ ନିଶାର ବ୍ୟାପକ କାରବାର ନେଇ ଉଦବେଗ ପ୍ରକାଶ ପାଇଛି। ଜଳେଶ୍ୱର ହେଉଛି ନିଶା କାରବାରର ପେଣ୍ଠସ୍ଥଳୀ ଏବଂ ନିଶାର ପ୍ରବେଶ ଦ୍ୱାର ପଡୋଶୀ ରାଜ୍ୟ ଗୁଡ଼ିକରୁ ବିଭିନ୍ନ ରାସ୍ତା ଦେଇ ଅନେକ ନିଷିଦ୍ଧ ସାମଗ୍ରୀ ଜଳେଶ୍ୱରକୁ ପ୍ରବେଶ କରି ବାଲେଶ୍ୱର ଜିଲ୍ଲା ସମେତ ସମଗ୍ର ରାଜ୍ୟକୁ ଯାଇଥାଏ। ବର୍ତ୍ତମାନ ନିର୍ବାଚନ ସମୟରେ ଏହା ଆହୁରି ବ୍ୟାପକ ହୋଇଛି। ଏସବୁ ଭିତରେ ଏକ ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ସଚେତନ ନାଗରିକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ଅବକାରୀ ବିଭାଗ ଓ ସାଧାରଣ ପୋଲିସ ଦ୍ୱାରା ଯେତେ ନିଷିଦ୍ଧ ବେପାରୀ ଧରା ପଡୁଛନ୍ତି ସେତେ ଅଧିକ ଭାବରେ ନିଶା ବେପାର ବଢ଼ି ବଢ଼ି ଚାଲିଛି। ଏସବୁ ଦୃଷ୍ଟିରୁ ଜଳେଶ୍ୱର ସମେତ ବାଲେଶ୍ୱର ଜିଲ୍ଲାରେ ସୁସ୍ଥ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ ସାତ ଦିନ ପୂର୍ବରୁ ସମସ୍ତ ପ୍ରକାର ମଦ ଦୋକାନକୁ ବନ୍ଦ କରିବା, ଚୋରା ମଦ ବେପାରୀ ଓ ମଦ୍ୟପଙ୍କୁ ଗିରଫ କରିବା ସହ ନିଷିଦ୍ଧ ନିଶା ସାମଗ୍ରୀ ଚାଲାଣ କାରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମିଳିତ ନିଶା ନିବାରଣ ପକ୍ଷରୁ ଦାବି କରାଯାଉଛି। ବ୍ଲକ ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ମ୍ୟୁନିସିପାଲଟି ସଭାପତି କମଳ ଚକ୍ରବର୍ତ୍ତୀ, ଡ଼. ଅଜିତ ମହାନ୍ତି, ଭାସ୍କର ଚନ୍ଦ୍ର ମିଶ୍ର, ମମି ପଣ୍ଡା, ରାଜୀବ ଲୋଚନ ପଣ୍ଡା, ମନୋରଞ୍ଜନ ଦାସ, ଚନ୍ଦନ କାମିଲା, ଅଜୟ ମହାପାତ୍ର, ଆଶିଷ ମହାପାତ୍ର, ଯଦୁନାଥ ନାୟକ, ଗୌରୀଶଙ୍କର ପ୍ରଧାନ, ମିହିର କୁମାର ଜେନା, ଅଭିଷେକ ଜେନା, ଧନଞ୍ଜୟ ପଳାଇ ପ୍ରମୁଖ ଆଲୋଚନାରେ ଭାଗ ନେଇଛନ୍ତି।



## ନାମାଙ୍କନ ଦାଖଲକଲେ ସନ୍ତୋଷ



ନୀଳଗିରି, ୧୦।୫ (ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ଶକ୍ତି ପ୍ରଦର୍ଶନ କରିଛନ୍ତି ନୀଳଗିରି ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ। ଆଜି ପ୍ରାର୍ଥିପତ୍ର ଦାଖଲ କରିବାକୁ ଆସି ପ୍ରଥମେ ଜଗନ୍ନାଥଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କରିବା ପରେ ସମର୍ଥକ ମାନଙ୍କ ଗହଣରେ ଏକ ବିରାଟ ପାଟୁଆରାରେ ବାହାରି ଥିଲେ। ତାଙ୍କ ସହିତ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବରିଷ୍ଠ ନେତା ଶିଶିର ରାଉତଙ୍କ ସହିତ ଆସିଥିଲେ। ଜଗନ୍ନାଥ ମନ୍ଦିର ଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିରାଟ ପଦଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟ ନେତୃତ୍ୱମାନଙ୍କ ମଧ୍ୟରେ ରବୀନ୍ଦ୍ର ନାୟକ, କୃତିବାସ ବେହେରା, ସୁନୀଲ ମହାନ୍ତି, ସୁରଞ୍ଜନ ମହାପାତ୍ର, ରେଣୁ ବିଶ୍ୱାଳ, ରଞ୍ଜିତା ସିଂ, ପ୍ରଫୁଲ୍ଲ ସାମନ୍ତରାୟ, ବିପି ବିପସା ପାତ୍ର, ଆଇନଜୀବୀ ଶଶୀଧର ରଣଜିତ, ଦେବେନ୍ଦ୍ର ପଣ୍ଡା, ଚନ୍ଦ୍ରବିନ୍ଦୁ ଦାସ, ସମର ଶଙ୍କର କାନୁନଗୋ, ବିଶ୍ୱରଞ୍ଜନ ମହାନ୍ତି, କରୁଣାକର ପଣ୍ଡା, ଚନ୍ଦ୍ରକାନ୍ତ ବିଶ୍ୱାଳ, ଦୀପ୍ତିକାନ୍ତ ପୃଷ୍ଟି, ସବ୍ୟସାଚୀ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ୧୪ରେ ଆଶିଷ ପାତ୍ରଙ୍କ ନାମାଙ୍କନ

**ଭୋଗରାଇ, ୧୦।୫ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ତାତି ଜୋର ଧରିବାରେ ଲାଗିଛି। ନାମାଙ୍କନ ପ୍ରକ୍ରିୟା ଚାଲୁ ରହିଥିଲା ବେଳେ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟାରେ ବିଜେଡି ଓ କଂଗ୍ରେସ ଦଳର ପ୍ରାର୍ଥୀ ଯଥାକ୍ରମେ ଗୌତମବୁଦ୍ଧ ଦାସ ଓ ସତ୍ୟଶିବ ଦାସ ହଜାର ହଜାର ନେତା, କର୍ମୀ ଓ ସମର୍ଥକଙ୍କ ଗହଣରେ ନିଜ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୪ ତାରିଖ ନାମାଙ୍କନ ଦାଖଲର ଶେଷ ଦିବସରେ ବିଜେପି ପ୍ରାର୍ଥୀ ଆଶିଷ ପାତ୍ର ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ବାଲୁକା କଳାରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଶିଳ୍ପୀ

ଚନ୍ଦନେଶ୍ୱର, ୧୦।୫ (ସମିସ):



ଯାତ୍ରା ଜଗତର ବିଶିଷ୍ଟ ଅଭିନେତା ତଥା ସୁପ୍ରସିଦ୍ଧ ମୂର୍ତ୍ତି କାରିଗର ସୁଶୀଲ କର(ବାପି ଦା)ଙ୍କ ପରଲୋକରେ ତାଙ୍କର ଗୁରୁ, ଶିଷ୍ୟ, ପ୍ରଶଂସକ, ଶୁଭେଚ୍ଛୁମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୁଶୀଲ କରଙ୍କ ଶିଷ୍ୟ ଓଡ଼ିଶା, ବଙ୍ଗ, ବିହାର ଓ ଛତିଶଗଡ଼ ରାଜ୍ୟର ଖ୍ୟାତିଲାଭ କରିଥିବା ମୂର୍ତ୍ତି ଓ ବାଲୁକା ଶିଳ୍ପୀ ସୁଦର୍ଶନ ମହାକୁଡ଼ ମଧ ତାଙ୍କର ମହାନ ଗୁରୁଙ୍କୁ ନିଜର ବାଲୁକା କଳା ମାଧ୍ୟମରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଗୁରୁଙ୍କ ବାସଭବନ ସମ୍ମୁଖରେ ସୁଶୀଲ କରଙ୍କ ଏକ ଆକର୍ଷଣୀୟ ବାଲୁକା କଳାକୃତି ପ୍ରସ୍ତୁତ କରି ଏହି ବିଶିଷ୍ଟ କଳାକାର ତଥା ସୁପ୍ରସିଦ୍ଧ ମୂର୍ତ୍ତି କାରିଗର ଗୁରୁଙ୍କ ନିଧନ, 'ମୁଁ ଆସିବି ଫେରି ପୁଣି ସମୟର ଶୁଭ୍ର ବାଲୁଚୋରେ' ଏବଂ ଏକ ଯୁଗର ସମାପ୍ତି ବୋଲି ଦର୍ଶାଇଛନ୍ତି। ସ୍ୟାଣ୍ଡ ଆନିମେସନ ମାଧ୍ୟମରେ ମୂର୍ତ୍ତି ଓ ବାଲୁକା ଶିଳ୍ପୀ ସୁଦର୍ଶନ ଏହି ବିଶିଷ୍ଟ କଳାକାର ଓ ମୂର୍ତ୍ତି କାରିଗର ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସେ ସ୍ୟାଣ୍ଡ ଆନିମେସନରେ ଗୁରୁ ସୁଶୀଲ କରଙ୍କ ପ୍ରତିଛବି ନିର୍ମାଣ କରି ସଂସ୍କୃତିର ସଂଗ୍ରାମୀଙ୍କୁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ଏହି ସ୍ୟାଣ୍ଡ ଆନିମେସନକୁ ପ୍ରସ୍ତୁତ କରିବାକୁ ତାଙ୍କୁ ୬ ଘଣ୍ଟା ସମୟ ଲାଗିଥିଲା। ପରେ ଅପରାହ୍ନରେ ବରିଷ୍ଠ ଶିକ୍ଷାବିତ ଶମ୍ଭୁନାଥ ଜେନାଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସୁଶୀଲ କରଙ୍କ ଗୁରୁ ବରିଷ୍ଠ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଧନଞ୍ଜୟ ପାତ୍ର, ଶିକ୍ଷାବିତ ସୁବାସ ଦାସ, ବିପଦାଭଞ୍ଜନ ମିଶ୍ର, ଅନୀଲ ପାତ୍ର, ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଯତୀନ୍ଦ୍ର ପାତ୍ର, ଶ୍ରୀନିବାସ ପ୍ରଧାନ, ଭୋଗରାଇ କଳା ସଂସ୍କୃତି ସଂସଦର ସମ୍ପାଦକ ଅଜିତ ଦିଣ୍ଡା, କବି ଶ୍ରୀକୁମାର ଘୋଷ, ସାହିତ୍ୟିକ ସୁଶାନ୍ତ କୁମାର ନାୟକ ପ୍ରମୁଖ ବିଦ୍ୱାନ ଅତିଥିମାନେ ଯୋଗ ଦେଇ କଳା, ସଂସ୍କୃତି ଓ ମୂର୍ତ୍ତି କାରିଗର ଜଗତର ଏକ ଯୁଗର ଅବସାନ ଘଟିଗଲା ବୋଲି କହିବା ସହିତ ତାଙ୍କ ପୁତ୍ର ସୁପ୍ରଭାତ, ସାନ ଭାଇ ଅନୀଲ, ସୁନିଲ ଓ ସମସ୍ତ ପରିବାର, ପ୍ରିୟଜନଙ୍କ ଉତ୍ତରୋତ୍ତର କାମନା ଲାଗି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରିଶେଷରେ ସାନ ଭାଇ ସୁନୀଲ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉଦ୍‌ଘାଟନୀ ଉତ୍ସବ



ବଲରାମପୁର, ୧୦।୫ (ସମିସ): ବାଲିଆପାଳ ବ୍ଲକ ଛକ ନିକଟ ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ କୋଠାରେ ଶୁକ୍ରବାର ଓଡ଼ିଶା ଶିକ୍ଷା ବିକାଶ ସମିତି ଅଧିନ ନୂଆକରି ଏକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଦଘାଟିତ ହୋଇଛି। ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଆସନ୍ତା କାଲିଠୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ। ପ୍ରାରମ୍ଭ ବୋଧ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଢ଼ି ପାରିବେ। ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ବିକାଶ ସମିତିର ସହ ବିଭାଗ ପ୍ରମୁଖ ଶ୍ରୀନିବାସ ପ୍ରଧାନ, ଶିକ୍ଷାବିତ୍ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ମନୋଜ କୁମାର ବାରିକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିବାବେଳେ ଶିଶୁ ମନ୍ଦିରର ସଭାପତି ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ଉପ ସଭାପତି ମନୋଜ କୁମାର ସି, ସହ ସମ୍ପାଦକ ଅମିତ୍ ସାହୁ, କୋଷାଧ୍ୟକ୍ଷ ପ୍ରାଣକୃଷ୍ଣ ସାହୁ, ସଦସ୍ୟ ରଘୁନାଥ ସୋରେନ୍, ସଦସ୍ୟା ମମତା ସାହୁ, ପ୍ରଧାନ ଆଚାର୍ଯ୍ୟା ମଞ୍ଜୁଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିଲ୍ ହୋଇଥିବା ଚିଟ୍‌ଫଣ୍ଡ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



● ଅଗ୍ନିଶମ ବିଭାଗ ଓ ପୁଲିସର ମିଳିତ ପ୍ରଚେଷ୍ଟାରେ ନିଆଁ ଆୟତ୍ତ

ଜଳେଶ୍ୱର ବ୍ଲକ, ୧୦।୫ (ସମିସ):

ଶୁକ୍ରବାର ଦିନ ପ୍ରାୟ୧୨ ଟା ୩୦ରେ ଜଳେଶ୍ୱର ଥାନା ବଜାର ସ୍ଥିତ ସିଲ୍ ହୋଇ ରହିଥିବା ଗ୍ରୀନରେ ଇଣ୍ଟରନ୍ୟାସନାଲ ଚିଟଫଣ୍ଡ କମ୍ପାନୀ ମୁଖ୍ୟ ଅଫିସରେ ନିଆଁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଓ ପୋଲିସ ପହଞ୍ଚି ମିଳିତ ଭାବେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ସୂଚନା ଅନୁସାରେ ଜଳେଶ୍ୱର ଥାନା ବଜାର ସ୍ଥିତ ବାରମୁହାଁ ପୋଲ ନିକଟରେ ୧୯୯୮ ମସିହାରେ ଗ୍ରୀନ-ରେ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ପରେ ସାରା ଦେଶରେ ୧୦୬ ଟି କାର୍ଯ୍ୟାଳୟ ଥିବା ବେଳେ ଓଡ଼ିଶାରେ ୫୨ ଟି କାର୍ଯ୍ୟାଳୟରେ ଚାଲିଥିଲା ନେଟୱର୍କ। ପରବର୍ତ୍ତୀ ସମୟ ଏହି ସଂସ୍ଥା ନାଇଜେରିଆ, ଦୁବାଇ, ବାଂଲାଦେଶ ଇତ୍ୟାଦି ଦେଶରେ ତାର ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିଥିଲା। ନାଇଜେରିଆ ର ଏକ ସଂସ୍ଥା ସହ ମିଶି ଲୁହାପଥର ଖଣି ଲିଜ ନେଇଥିବା କଥା ସାମ୍ନାକୁ ମଧ୍ୟ ଆସିଥିଲା।୨୦୧୩ ମସିହା ମେ ୧୦ ତାରିଖ ସିବିଆଇ ଏହାର ସମସ୍ତ ଶାଖା ଚଢ଼ଉ କରିବା ପରେ ସାମ୍ନାକୁ ଆସିଥିଲା ସାଙ୍ଘାତିକ ତଥ୍ୟ।ସାରା ଦେଶରେ ପ୍ରାୟ ଦୁଇ ହଜାର କୋଟିରୁ ଉର୍ଦ୍ଧ୍ୱ ଏବଂ ଓଡ଼ିଶାରୁ ପ୍ରାୟ ପାଞ୍ଚ ଶହ କୋଟିରୁ ଅଧିକ ଟଙ୍କା ଜମାକାରୀଙ୍କ ଠାରୁ ଲୁଟି ନେଇଥିଲେ ଏହି ଠକସଂସ୍ଥା। ଏହାର ମୁଖ୍ୟ ପରିଚାଳକ ମିର ସହିରୁଦ୍ଦିନ ଫେରାର ହୋଇ ଯିବାର କିଛି ବର୍ଷ ପରେ ନାମ ପରିବର୍ତ୍ତନ କରିଥିଲା। ନାଇଜେରିଆରୁ ଭାୟା ବାଂଲାଦେଶ ଦେଇ ଇଣ୍ଡିଆ ପ୍ରବେଶ କରିବା ସମୟରେ କୋଲକାତା ଏୟାରପୋର୍ଟରେ ସିବିଆଇ ୨୦୧୭ ମସିହା ଫେବୃଆରୀ ମାସ ୪ ତାରିଖ ଦିନ ଗିରଫ କରିଥିଲା। ଗିରଫ ପରେ ପ୍ରାୟ ୪୦ ଟି ବ୍ୟାଙ୍କ ଆକାଉଣ୍ଟରୁ ୫୭ ଲକ୍ଷ ଟଙ୍କା, ୧୦ କେଜି ରୁପା ଗହଣା, ୨୪୬ ଗ୍ରାମର ସୁନା, ନଗଦ ୧୦ ଲକ୍ଷ ଟଙ୍କା ସହ ୨୦ ଏକର ଜମି ସିଜ କରିଥିଲା ସିବିଆଇ। ଦୀର୍ଘ ୧୧ ବର୍ଷ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତଦନ୍ତ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ପାରି ନାହିଁ କିମ୍ବା ଏ ବାବଦରେ ଇଡି ସମ୍ପୃକ୍ତ ସଂସ୍ଥାର ସମ୍ପତ୍ତିକୁ ଅକ୍ତିଆର କରି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବାରେ ସକ୍ଷମ ହୋଇ ପାରିନାହିଁ। ଯାହାକୁ ନେଇ ଜମାକାରୀଙ୍କ ମନରେ ଅସନ୍ତୋଷର ନିଆଁ ଜଳୁଛି। ସିବିଆଇ ଏବଂ ଇଡି ଦୁଇ ତଦନ୍ତକାରୀ ସଂସ୍ଥା ତଦନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରି ସମସ୍ତ ଜମାକାରୀଙ୍କୁ ଫେରସ୍ତ କରିବା ପାଇଁ ଜମାକାରୀ ଓ ବୁଦ୍ଧିଜୀବି ମହଲରେ ସଦାବେଳେ ଦାବି ହୋଇ ଆସୁଛି। ଗ୍ରୀନରେ ଇଣ୍ଟରନ୍ୟାସନାଲ ଚିଟଫଣ୍ଡ କମ୍ପାନୀର ଏମ ଡି ମୀର ସହିରୁଦିନ ଓରଫ ଗୋରା ଝାରପଡ଼ା ଜେଲରେ ବିଚାରାଧୀନ ଥିବା ବେଳେ ପ୍ରାୟ ଦୁଇ ବର୍ଷ ପୂର୍ବରୁ ବାଥ ରୋମକୁ ଯିବା ସମୟରେ ପାଦ ଖସି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଜଳେଶ୍ୱରରେ ଚର୍ଚ୍ଚା ହେଉଥିଲା। ତେବେ ଆଜି ଗ୍ରୀନରେ ଇଣ୍ଟରନ୍ୟାସନାଲ ଚିଟଫଣ୍ଡ କମ୍ପାନୀର ସିଲ ହୋଇଥିବା ଅଫିସରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳୁଥିବା ବେଳେ ଜଳେଶ୍ୱର ଅଗ୍ନିଶମ ବିଭାଗ ଓ ଜଳେଶ୍ୱର ପୁଲିସ ମିଳିତ ଭାବେ ନିଆଁ ଲିଭାଇବା ରେ ସଫଳ ହୋଇଛନ୍ତି।ଏହି ନିଆଁ କିଏ ଓ କିପରି ଲାଗିଲା କିଛି ନା କିଛି ରହସ୍ୟ ଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ବିଜେପି ଯୁବମୋର୍ଚ୍ଚାର ପଥପ୍ରାନ୍ତ ସଭା



ଜଳେଶ୍ୱର ବ୍ଲକ, ୧୦।୫ (ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେପି ପକ୍ଷରୁ ସାପ୍ତାହିକ ହାଟରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ଗଡ଼ର ମେଳା ପଡ଼ିଆ ହାଟରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଜୋରଦାର ପ୍ରଚାର କାର୍ଯ୍ୟ ଶୁକ୍ରବାର ଅପରାହ୍ନରେ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ନଗର ସଭାପତି ଫାଲଗୁନି ପାଣିଗ୍ରାହୀ, ବିଧାନସଭା ସଂଯୋଜକ ଶାନ୍ତନୁ ପଟ୍ଟନାୟକ, ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସୁମନ୍ତ ମହାଲିକ, ୮ ନମ୍ବର ଜୋନ ସଭାପତି ଅନୁପ ପ୍ରଧାନ, ୮ ନମ୍ବର ମଣ୍ଡଳ ସଭାପତି ବିଶ୍?ରୂପ ଦାସ, ପଞ୍ଚାୟତ ସଭାପତି ଚନ୍ଦ୍ର ଶେଖର ପ୍ରଧାନ, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ତଥା ମଣ୍ଡଳ ସଂଯୋଜକ ତନ୍ମୟ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନୁରୂପ ଭାବେ ନାମ୍ପୋ ସାପ୍ତାହିକ ହାଟରେ ଏମାନଙ୍କ ସହ ୧୦ ନମ୍ବର ଜୋନର ମଣ୍ଡଳ ସଭାପତି ଇଂ. ମଳୟ ରଞ୍ଜନ ବେହେରା, ପଞ୍ଚାୟତ ସଭାପତି ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନରେନ୍ଦ୍ର ମୋଦି ସରକାରଙ୍କ ସଂକଳ୍ପ ପତ୍ର ବଣ୍ଟନ କରିଥିଲେ।

## ବିଜେଡିର ନିର୍ବାଚନ ଇସ୍ତାହାର ଘୋଷଣା

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଗୌତମବୁଦ୍ଧ

ବାଲେଶ୍ୱର(ଉତ୍ତର), ୧୦।୫(ସମିସ) : ବିଜେଡି ପକ୍ଷରୁ ଗତ ଗୁରୁବାର ନିର୍ବାଚନ ଇସ୍ତାହାର ପ୍ରକାଶ ପାଇବା ପରେ ଭୋଗରାଇ ବିଜେଡି ପକ୍ଷରୁ ଏହାକୁ ସ୍ୱାଗତ କରାଯିବା ସହିତ ବିଜେଡି ପ୍ରେମୀ ଓ ଭୋଟରଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। ଏ ନେଇ ବିଜେଡି ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଏହା କେବଳ ନିର୍ବାଚନ ଇସ୍ତାହାର ନୁହଁ ଏହା ଓଡ଼ିଶାର ଲକ୍ଷ ଲକ୍ଷ ସାଧାରଣ ଜନତାଙ୍କ ପାଇଁ ନବୀନ ଗ୍ୟାରେଣ୍ଟି। ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କରି ଦେଖାନ୍ତି ଏହା ସମସ୍ତେ ଜାଣନ୍ତି।୨୦୨୪ ନିର୍ବାଚନ ଇସ୍ତାହାରରେ ସମାଜର ସବୁବର୍ଗର ଲୋକଙ୍କ ବିକାଶ ପାଇଁ ବ୍ୟବସ୍ଥା ରହିଥିଲା ବେଳେ କୃଷକ ମାନଙ୍କର ଆର୍ଥିକ ମାନଦଣ୍ଡ ର ଉନ୍ନତି, ଯୁବ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ, ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ଙ୍କ ଆର୍ଥିକ ଉନ୍ନତି ପାଇଁ ବିଶେଷ ଦୃଷ୍ଟି ଦିଆଯାଇଛି। ସେହିପରି ନିଯୁକ୍ତି ସୁଯୋଗ, ଜଳ ସେଚନ ସୁବିଧା, ଛାତ୍ରଛାତ୍ରୀ ଙ୍କୁ ଶିକ୍ଷା ସହାୟତା ରାଶି, ମେଧା ବୃତ୍ତି, ପଛୁଆ ବର୍ଗଙ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରାଧାନ୍ୟ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ମାଗଣା ବିଦ୍ୟୁତ ଭଳି ୯ ପ୍ରକାରର ଗ୍ୟାରେଣ୍ଟି ଦେଇଥିବାରୁ ଶ୍ରୀ ଦାସ ମୁଖ୍ୟମନ୍ତ୍ରୀ ପୁଣି ଥରେ ଦୂରଦୃଷ୍ଟି ସମ୍ପନ୍ନତାର ପ୍ରମାଣ ଦେଖାଇଛନ୍ତି ବୋଲି କହିଛନ୍ତି। ସେହିପରି ବିଜେଡି ବ୍ଲକ କମିଟି ସଭାପତି ରମାକାନ୍ତ କରଣ, କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା, ବ୍ଲକ କମିଟିର ସଦସ୍ୟ ପ୍ରଦୀପ କୁମାର ବେହେରା, ନଳିନୀ ସେଠୀ, ଦୀପକ ଦାସ, ତାପସ କୁମାର ଦାସ ମହାପାତ୍ର, ହେମନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ନିବେଦିତା ମହାନ୍ତି, ଦମୟନ୍ତୀ ସାହୁ, ଗିରିଶ ଦତ୍ତ, ପ୍ରମୁଖ ଦଳର ନେତା ମାନେ ଦଳର ଇସ୍ତାହାର ଓଡ଼ିଶା ବାସୀଙ୍କ ପାଇଁ ନବୀନ ବାବୁଙ୍କ ଭଲପାଇବାକୁ ପୁଣି ଥରେ ପ୍ରମାଣିତ କରୁଛି ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ ଜୟଦେବ ଜୟନ୍ତୀ

ବାଲେଶ୍ୱର, ୧୦।୫(ସମିସ): ଚଳିତ ବର୍ଷ ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟଠାରେ ଗୀତଗୋବିନ୍ଦ ରଚୟିତା ମହାକବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଜିଲ୍ଲାପାଳ ଆଶିଷ ଠାକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତତ୍ସହିତ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍?ର୍ଯ୍ୟା ସାମନ୍ତ ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



## ଭୋଗରାଇରେ ଖାରବେଳ ସ୍ୱାଇଁଙ୍କ ନିର୍ବାଚନ ପ୍ରଚାର




ଭୋଗରାଇ, ୧୦।୫ (ସମିସ) : ବାଲେଶ୍ୱର ସଂସଦୀୟ କ୍ଷେତ୍ରର ସ୍ୱାଧୀନ ସାଂସଦ ପ୍ରାର୍ଥୀ ତଥା ପୂର୍ବତନ ସାଂସଦ ମହାମେଘବାହନ ଐର ଖାରବେଳ ସ୍ୱାଇଁ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟାରେ ଭୋଗରାଇ ନିର୍ବାଚନ ମଣ୍ଡଳୀର କମର୍ଦ୍ଦା ଛକ ବଜାର, ଥାନାଛକ ଓ ଚନ୍ଦନେଶ୍ୱର ବିଜୁ ଗୋଲେଇଠାରେ ପଥପ୍ରାନ୍ତ ସଭା ମାଧ୍ୟମରେ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମେ ବିଜେପି ଟିକେଟ ଆଶାୟୀ ଥାଇ ସେଥିରୁ ନିରାଶ ହେବା ପରେ ସ୍ୱାଧୀନ ସାଂସଦ ପ୍ରାର୍ଥୀ ଭାବେ ଗତ ବୁଧବାର ସେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସାଂସଦ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ଭୋଗରାଇରୁ ନିର୍ବାଚନ ପ୍ରଚାର ଆରମ୍ଭ କରି କହିଛନ୍ତି ଯେ, ସେ ସାଂସଦ ଥିବା ସମୟରେ ନିମାତପୁର, ପଦ୍ମପୁର ଭଳି ଭୋଗରାଇର ବିଭିନ୍ନ ଅପହଞ୍ଚ ଗାଁକୁ ବିଜୁଳି ପହଞ୍ଚାଇବା, ଜଳେଶ୍ୱର - ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା କରିବା, ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଠାରେ ଦାବି କରି ଅଧିକ ଅର୍ଥ ଆଦାୟ କରିବା, ଉତ୍ତର ଭୋଗରାଇରୁ ବନ୍ୟା ଜଳ ନିଷ୍କାସନ ପାଇଁ ଯୋଜନା ପ୍ରସ୍ତୁତ କରିବା ଆଦି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏଠାରୁ ନିର୍ବାଚିତ ସାଂସଦ ମାନେ ଚିରାଚରିତ ଉନ୍ନୟନ କାର୍ଯ୍ୟ ବ୍ୟତୀତ ଆଉ କିଛି କରିନାହାନ୍ତି। ଗତ ନିର୍ବାଚନରେ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ହୋଇଥିଲେ ମଧ୍ୟ ସେ ଭୋଗରାଇ ପାଇଁ ଆଦୌ କିଛି କାର୍ଯ୍ୟ କରିନାହାନ୍ତି। ସେ ଜଣେ ନିକମା ସାଂସଦ ଓ କେବଳ ସୋ-କେସ କେନ୍ଦ୍ରମନ୍ତ୍ରୀ ହୋଇ ରହିଯାଇଛନ୍ତି। ଆଜି ବି ଭୋଗରାଇବାସୀ ତାଙ୍କୁ ହୃଦୟରେ ବହୁତ ଭଲ ପାଆନ୍ତି। ଚଳିତ ନିର୍ବାଚନରେ ତାଙ୍କୁ ଭୋଟ ଦେଇ ବିଜୟୀ କରିବା ପାଇଁ ଜନସାଧାରଣଙ୍କୁ ସେ ନିବେଦନ କରିଥିଲେ।

# ଶହେ ବର୍ଷର ହଦମୌଦ ଅକ୍ଷୟ ତୃତୀୟା ମେଳା

## ମାନସିକଧାରୀ ମନ୍ଦିର କାନ୍ଥରେ ଶାଳପତ୍ର ଓ ଚୂନ ଲେପିଲେ



ରାଜଘାଟ, ୧୦।୫ (ସମିସ) :

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ହଦମୌଦ ଗ୍ରାମରେ ନନ୍ଦ ପରିବାର ତତ୍ତ୍ୱାବଧାନରେ ପରିଚାଳିତ ବାରୁଖଣ୍ଡା ମା' ଦଶକଳସ ମନ୍ଦିର ଓ ଗ୍ରାମର ଦେଶ ତରଫରୁ ଅନୁଷ୍ଠିତ ମା' ଦଶକଳସଙ୍କ ମଣ୍ଡପରେ ପୂଜାର୍ଚ୍ଚନା ଏବଂ ମନ୍ଦିର କମିଟି ପରିଚାଳନାରେ ଅନୁଷ୍ଠିତ ମେଳା ସମଗ୍ର ବାଲେଶ୍ୱର ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଅକ୍ଷୟ ତୃତୀୟା ମେଳା ଉତ୍ସବ ଆଜକୁ ପ୍ରାୟ ୧୦୦ରୁ ଅଧିକ ବର୍ଷ ଧରି ହୋଇଆସୁଛି। ଏଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କର ସମାଗମ ଲାଗିରହିଥାଏ। କିମ୍ବଦନ୍ତୀ ଓ ମନ୍ଦିରର ମୁଖ୍ୟ ପୂଜକ ପଞ୍ଚାନନ ନନ୍ଦ, ଧନଞ୍ଜୟ ନନ୍ଦ, ରାଧାଶ୍ୟାମ ନନ୍ଦଙ୍କ କହିବା ଅନୁଯାୟୀ ଆଜିଭଳି ଦିନରେ ମାନସିକଧାରୀ ମାନେ ଶାଳପତ୍ର ଓ ଚୂନର ପ୍ରଲେପକୁ ମନ୍ଦିର କାନ୍ଥରେ ଲେପିଲେ ଯେଉଁମାନଙ୍କର ଦେହ, ମୁହଁରେ ଫୁଲ ଛଉ, ଧବଳ ଛଉ ଓ ସେତଫୁଲା ଆଦି ବାହାରି ଥାଏ ସେମାନେ ଏଥିରୁ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଜି ବଡି ଭୋରରୁ ବାଲେଶ୍ୱର ଜିଲା ସମେତ ମୟୂରଭଞ୍ଜ ଜିଲା ଉପସୀମାନ୍ତ ଅଞ୍ଚଳରୁ ମାନସିକଧାରୀଙ୍କର ଉକ୍ତ ମନ୍ଦିର ନିକଟକୁ ସୁଅ ଛୁଟିଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବସ୍ତା ଖଣ୍ଡ ତରଫରୁ ମନ୍ଦିର ନିକଟରେ ଜଳଛତ୍ର ଖୋଲାଯାଇ ଦହି ସରବତ୍ ବିତରଣର ବ୍ୟବସ୍ଥା କରାଯାଇଥିବା ବେଳେ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଖେଚୁଡ଼ିର ବ୍ୟବସ୍ଥା କରାଯାଇଥିଲା। ସଂଘ ତରଫରୁ ଦୀପକ କୁମାର ଭଦ୍ର, ରଘୁନାଥ ଦତ୍ତ, ଅଚ୍ୟୁତାନନ୍ଦ ଗିରି, କୃଷ୍ଣଚନ୍ଦ୍ର ସାହୁ, ନନୀଗୋପାଳ ଦାସ ପ୍ରମୁଖ ଉପସ୍ଥିତ ରହି ଦହି ସରବତ୍ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କମିଟି ସଭାପତି ଧନଞ୍ଜୟ କୁଣ୍ଡ, ସମ୍ପାଦକ ଅଞ୍ଜନ କୁମାର ଗିରି, କୋଷାଧ୍ୟକ୍ଷ ଚୈତନ୍ୟ ଜେନା, ଉମାକାନ୍ତ ସାହୁ, ଜଗଦୀଶ ସେନାପତି, ଗୋପାଳଚନ୍ଦ୍ର ସାହୁ, ବରେନ୍ଦ୍ର ଭଦ୍ର, ଭବେନ୍ଦ୍ର ଭଦ୍ର, ଭଗବାନ ସାହୁ, ଶ୍ରୀହରି ଚନ୍ଦ, ଦୀନକୃଷ୍ଣ ଦତ୍ତ, ରାଧାଗୋବିନ୍ଦ ଚନ୍ଦ ପ୍ରମୁଖ ସକ୍ରିୟ ସଦସ୍ୟମାନେ ପୂଜାକାର୍ଯ୍ୟରେ ସହଯୋଗ କରିବା ସହ ମେଳାକୁ ପରିଚାଳନା କରିଥିଲେ। ଏହି ମେଳା ୪ଦିନ ବ୍ୟାପି ଚାଲୁ ରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ସୋର-କୁପାରୀ ରାସ୍ତାରେ ହିମାଂଶୁଙ୍କ ଶକ୍ତି ପ୍ରଦର୍ଶନ



ଖଇରା, ୧୦।୫ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ନିଜର ନାମାଙ୍କନ ଦାଖଲ ପୂର୍ବରୁ ସୋର-କୁପାରୀ ରାସ୍ତାରେ ବିଶାଳ ରୋଡ ଶୋ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଖଇରା ସିମୁଳିଆ ୨ବ୍ଲକରୁ ହଜାର ହଜାର ସମର୍ଥକ ତାଙ୍କର ଏହି ରୋଡ ଶୋରେ ସାମିଲ ହୋଇଥିଲେ। ପ୍ରଥମେ ହିମାଂଶୁ ନିଜ ପତ୍ନୀ ପ୍ରଜ୍ଞା ପାରମିତାଙ୍କ ସହ ଜନ୍ମିତ ଗ୍ରାମ କାକୁଡିଆର ଆରାଧ୍ୟା ଦେବୀ ବାମକାଳୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ବଣପାରିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରୁ ଖୋଲା ଜିପରେ ରୋଡ ଶୋରେ ଗଣ୍ଡିବେଡ, ତୁଡିଗଡ଼ିଆ ବଜାର ଅତିକ୍ରମ କରି ସୋରରେ ପହଞ୍ଚିବା ପରେ ସିମୁଳିଆ ରୁ ଅସିଥିବା କଂଗ୍ରେସ କର୍ମୀ ତାଙ୍କ ସହ ସାମିଲ ହୋଇଥିଲେ। ଭଦ୍ରକ ଏମପି ପ୍ରାର୍ଥୀ ଅନନ୍ତ କୁମାର ସେଠୀ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଖଇରା ବ୍ଲକର କଂଗ୍ରେସ ନେତା ରାମଚନ୍ଦ୍ର ଶତପଥି, ବସନ୍ତ କୁମାର ପାତ୍ର, ବେଣୁଧର ରାଉତ, ଗଜେନ୍ଦ୍ର ସେଠୀ, ଶୁନ୍ୟବାସୀ ଜେନା, ପରେଶ ସାମଲ, ସିତୁ ପଟ୍ଟନାୟକ, ମହେନ୍ଦ୍ର ବେହେରା ଏବଂ ସିମୁଳିଆ ବ୍ଲକ କଂଗ୍ରେସ ନେତା ରମେଶ ଦାସ, ଅନିରୁଦ୍ଧ ବେହେରା, କାହ୍ନୁ ମହାନ୍ତି, ଅରୁଣ ସାହୁ, ଗଗନ ନାୟକ ପ୍ରମୁଖ ସାମିଲଥିଲେ। ଘୋଡାନାଚ ସାଙ୍ଗକୁ ମାଦଳବାଜା ରୋଡଶୋକୁ ଅଧୀକ ଆକର୍ଷଣୀୟ କରିଥିଲା।

## ଶୋଭାଯାତ୍ରାରେ ଆସି ନାମାଙ୍କନ ଭରିଲେ ସୁବ୍ରତ



ସୋର, ୧୦।୫(ସମିସ): ଆଜି ନାମାଙ୍କନ ପତ୍ର ଦାଖଲର ଚତୁର୍ଥ ଦିନରେ ସୋର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଧଡ଼ା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଆଜି ସକାଳେ ବିଧାୟକ ପ୍ରାର୍ଥୀ ଶ୍ରୀ ଧଡ଼ା ନଟାପଡ଼ା ଗ୍ରାମର ଗ୍ରାମଦେବତୀ ମା' ତାମ୍ରୁରାଇଙ୍କ ମନ୍ଦିରରେ ପୂଜାର୍ଚନା କରିଥିଲେ। ସେଠାରୁ ଘରକୁ ଯାଇ ମାଆଙ୍କ ଆଶୀର୍ବାଦ ନେଇ ନାମାଙ୍କନ ଭରିବାକୁ ବାହାରିଥିଲେ। ଏହା ପରେ ଏକ ବିଶାଳ ବାଇକ ଶୋଭାଯାତ୍ରା ନଟାପଡ଼ା ଗ୍ରାମ ନିକଟରୁ ବାହାରି ମାଟିଆପଲ୍ଲା, ଉତ୍ତରେଶ୍ୱର, ଡାକ୍ତରଖାନା ଛକ, ପାଖର, ଅନନ୍ତପୁର, ଅଞ୍ଜି, ଗୋପାଳପୁର ଦେଇ ବାହାନଗା ଦେଇ ପଣପଣାରେ ପହଞ୍ଚିଥିଲା। ଏହି ବାଇକ ଶୋଭାଯାତ୍ରାରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ବାଇକ ସାମିଲ ହୋଇଥିଲା। ଏହି ଶୋଭାଯାତ୍ରାରେ ସୋର ଏବଂ ବାହାନଗା ବ୍ଲକର ପ୍ରାୟ ୮ ହଜାର ଯୁବ, ଛାତ୍ର, ମହିଳା ଏବଂ ବରିଷ୍ଠ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ପରେ ସେଠାରୁ ଶ୍ରୀ ଧଡ଼ା ବାଲେଶ୍ୱର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ ତାଙ୍କର ସମର୍ଥକ ଏବଂ ପ୍ରସ୍ତାବକଙ୍କ ସମେତ ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ, ଜିଲ୍ଲା ଉପସଭାପତି ମୋତିଲାଲ ମହାନ୍ତି, ଅଟଳ ବିହାରୀ ରାଉତ, ସତ୍ୟନାରାୟଣ ମହାପାତ୍ର, ବ୍ଲକ ସଭାପତି ଶ୍ରୀକାନ୍ତ ଜେନା, ରାଜେଶ ମହାପାତ୍ର, ବାସନ୍ତୀ ସାମଲ, ବାହାନଗା ବ୍ଲକ ସଭାପତି ମଧୁସୁଦନ ମହାପାତ୍ର, ଅଭିଳାଷ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାର୍ଥିପତ୍ର ଦାଖଲ କଲେ ସତ୍ୟଶିବ ଦାସ



ଭୋଗରାଇ, ୧୦।୫ (ସମିସ) : ଭୋଗରାଇ ବିଧାନସଭା କ୍ଷେତ୍ରରୁ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭୋଗରାଇ ବ୍ଲକ ଅନ୍ତର୍ଗତ ବାବା ଚନ୍ଦନେଶ୍ୱର ମହାଦେବଙ୍କ ଠାରେ ପୂଜାର୍ଚ୍ଚନା ପରେ ଶତାଧିକ ଚାରି ଚକିଆ ଓ ବାଇକ ଶୋଭାଯାତ୍ରାରେ ୧ ହଜାରରୁ ଉଜାର ନେତା, କର୍ମୀ ଓ ସମର୍ଥକ ବାଲେଶ୍ୱର ଅଭିମୁଖେ ଯାଇଥିଲେ। ବାଲେଶ୍ୱର ଫାଣ୍ଡି ଛକ ଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଯାଇ ଅତିରିକ୍ତ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭୋଗରାଇବାସୀଙ୍କ ପ୍ରତି ନ୍ୟାୟ, ସମାନତା ଓ ଆର୍ଥିକ ସମୃଦ୍ଧି କଂଗ୍ରେସ ସଂକଳ୍ପବଦ୍ଧ ବୋଲି ଶ୍ରୀ ଦାସ ଘୋଷଣା କରିଛନ୍ତି। କଂଗ୍ରେସ ଜିଲ୍ଲା ସଭାପତି ସଞ୍ଜିବ ଗିରି, ସାଂସଦ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ଅବସରପ୍ରାପ୍ତ ବନ ବିଭାଗ ରେଞ୍ଜର କବି ସୁକୁମାର ଦାସ, ଜିଲ୍ଲା ଉପସଭାପତି ତଥା ୩୩ ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟ ଓ ନିର୍ବାଚନ କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା, ଜିଲ୍ଲା ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତଥା ପସରବିନ୍ଧା ସରପଞ୍ଚ ସୁମନ୍ତ କୁମାର ବେହେରା, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ ଓ ଦୀପକ କୁମାର ଜେନା, ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, ଜିଲ୍ଲା କଂଗ୍ରେସ ସମ୍ପାଦକ ଶିଶିର ମହାପାତ୍ର ଓ ରାଜକିଶୋର ନାୟକ, ଜିଲ୍ଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ତଥା ମନ୍ଦାରସାହି ସରପଞ୍ଚ ମମତା ସାହୁ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ତଥା ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସୁର, ଜୋନ ସଭାପତି ରାଜେନ୍ଦ୍ର ପଣ୍ଡା, ଜୋନ ସଭାପତି ତଥା ପୂର୍ବତନ ସରପଞ୍ଚ ରତନ ବାଗ, କାର୍ତ୍ତିକ ଚନ୍ଦ୍ର ପାତ୍ର ଓ ରାଧାବିନୋଦ ଦାସ, ଜୋନ ସଭାପତି ତଥା ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳେଇ, ମହିଳା ନେତ୍ରୀ ଉମାରାଣୀ ଦାସ, ପୂର୍ବତନ ସରପଞ୍ଚ ଧର୍ମପଦ ଦାସ ଓ ସୁକୁମାର ଜେନା, ସରପଞ୍ଚ ବରେନ୍ଦ୍ର ପାତ୍ର ଓ ଦୀପକ ଜେନାଙ୍କ ସମେତ ବହୁ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ/ ସଦସ୍ୟା, ପୂର୍ବତନ ସରପଞ୍ଚ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା, ପଞ୍ଚାୟତ ସଭାପତି ମାନେ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଦେଶ ପ୍ରଗତିର ପ୍ରକୃତ ଧାରକ ଚାଷୀ

# ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ



**କେନ୍ଦୁଝର,୧୦।୫(ସମିସ)**

କେନ୍ଦୁଝର ସରକାରୀ ଫାର୍ମଠାରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ ହୋଇଯାଇଛି। କୃଷି ଓ କୃଷକଙ୍କ ଗୁରୁତ୍ୱ ରଖୁଥିବା ଏହି ଦିବସ ପାଳନ ସମାରୋହରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସଭାପତିତ୍ୱ କରିବା ସହ ହଳ ଲଙ୍ଗଳ ଧରି ମାଟି କୋଡ଼ା ଖୋସା କରିବା ସହ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ଶ୍ରୀ ଆଚାର୍ଯ୍ୟ କୃଷକ ଓ କୃଷି କ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କୁ ସୁଖ ସମୃଦ୍ଧି କାମନା କରିବା ସହ ଚାଷୀମାନଙ୍କ ଅମାର ପରିପୂର୍ଣ୍ଣ ରହୁ ବୋଲି ପ୍ରାର୍ଥନା କରିଥିଲେ। ଆହୁରିମଧ୍ୟ ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାକୁ ସୁଜଳା ସୁଫଳା ଶସ୍ୟ ଶ୍ୟାମଳାରେ ପରିପୂର୍ଣ୍ଣ କରିବା ଏବଂ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଚାଷୀ ମାନଙ୍କର ଅକୁଣ୍ଠ ସହଯୋଗ କାମନା କରିଥିଲେ। ଚାଷୀମାନେ ଦେଶର ମେରୁଦଣ୍ଡ ଏବଂ ଦେଶ ପ୍ରଗତିର ପ୍ରକୃତ ଧାରକ ବୋଲି ଅଭିହିତ କରି ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ରାଜ୍ୟକୁ ତଥା ଦେଶକୁ ଖାଦ୍ୟ ଶସ୍ୟ କ୍ଷେତ୍ରରେ ସ୍ୱାବଲମ୍ବୀ କରିପାରିବ ବୋଲି ବାର୍ତ୍ତା ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମିହିର କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଜୁଡିଆ ସୁକାନ୍ତ କୁମାର ସାହୁ, ଡିଆର୍‌ସିଏମ୍ କେନ୍ଦୁଝର ତୁଷାରକାନ୍ତ ତୁଙ୍ଗ, ନିର୍ବାହୀ ଯନ୍ତ୍ରୀ ଉଠା ଜଳସେଚନ, ମଧ୍ୟମ ଜଳସେଚନ, ସମ୍ପାଦକ, ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ, କୃଷି ଜିଲ୍ଲା ଅଧିକାରୀ ଘଟଗାଁ ତଥା ସମସ୍ତ ବ୍ଲକର ବ୍ଲକ କୃଷି ଅଧିକାରୀ ସହକାରୀ କୃଷି ଅଧିକାରୀ ଅଗ୍ରଣୀ ଚାଷୀ କୃଷକ ସାଥି ଇତ୍ୟାଦି ଯୋଗଦାନ କରିଥିଲେ।

# ଅକ୍ଷିମୁଠି ଅନୁକୂଳ କଲେ ଜଗନ୍ନାଥ ଓ ବିନୋଦ





**ତୁରୁମୁଙ୍ଗା,୧୦।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଉଖୁଣ୍ଡା ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ମାଟି ମାଆକୁ ପୂଜାର୍ଚ୍ଚନା କରିବା ପରେ ବିଲରେ ହଳ କରି ଧାନ ବୁଣି ଅଞ୍ଚଳର ଚାଷୀଙ୍କ ଶୁଭ ମନାସିଛନ୍ତି। ଆଜିର ଦିନରେ ଚାଷ ଜମିରେ ଚାଷ କାମ ଆରମ୍ଭ କଲେ ଭଲ ଚାଷ ହୁଏ ବୋଲି ପ୍ରଥା ରହିଛି। ଏହି ଅବସରରେ ଜଗନ୍ନାଥ ନାଏକ ଉଖୁଣ୍ଡାଠାରେ ଅକ୍ଷିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ ଏବଂ ତାଙ୍କ ସମର୍ଥକଙ୍କ ସହ ଉଖୁଣ୍ଡାଠାରୁ ଏକ ବାଇକ୍ ରାଲି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଧାନ ବିହନକୁ ପୂଜାର୍ଚ୍ଚନା କରିଥିଲେ। ପରେ ହଳ ଲଙ୍ଗଳକୁ କାନ୍ଧରେ ଧରି ଚାଷ ଜମିରେ ପୂଜାର୍ଚ୍ଚନା କରି ବିଲରେ ହଳ କରି ଧାନ ବୁଣି ଚାଷ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏଥି ସହ କର୍ମୀ ଓ ସମର୍ଥକଙ୍କ ସହ ଉଖୁଣ୍ଡା ହନୁମାନ ଛକ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ଇସ୍ତାହାରକୁ ସ୍ୱାଗତ କରି ବାଣ ଫୁଟାଇ ଖୁସି ମନାଇଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଭବାନୀ ଶଙ୍କର ନାଏକ, ଭାଗୀରଥି ଦାଶ, ଯଦୁମଣି ବାରିକ, ଝୁମ୍ପୁରା ବ୍ଲକ ଯୁବ ସଭାପତି ଇଂ. ହରିଭକ୍ତ କୁନା ଗିରି, ଉପସଭାପତି ଟୁନା ବାରିକ୍, ସୁଶାନ୍ତ କୁମାର ପ୍ରଧାନ, ମହେନ୍ଦ୍ର ସାହୁ, ପଦ୍ମଲୋଚନ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି କେନ୍ଦୁଝର କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ପ୍ରଥମେ ମାଟି ମାଆକୁ ପୂଜାର୍ଚ୍ଚନା କରିବା ପରେ ବିଲରେ ହଳ କରିଥିଲେ। ଶ୍ରୀ ନାଏକ ତାଙ୍କ ଝୁମ୍ପୁରା ବ୍ଲକ ରସବନ୍ତଳା ଗ୍ରାମରେ ନିଜ ଚାଷ ଜମିରେ ଅକ୍ଷିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥି ସହ ସେ ଅଞ୍ଚଳର ଚାଷୀମାନଙ୍କ ଶୁଭ ମନାସୀ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ଶନିଶ୍ଚର ମନ୍ଦିରର କଳସ ଶୋଭାଯାତ୍ରା

**ସୋସୋ,୧୦।୫(ସମିସ):** ହାଟଡିହି ବ୍ଲକର ପଡିଆରିପଲ୍ଲୀ ପଞ୍ଚାୟତର ଝୁଣାବାଡିଠାରେ ଥିବା ଶନିଶ୍ଚର ମନ୍ଦିରର ବାର୍ଷିକ ଉତ୍ସବରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ରଟିଣା ଗ୍ରାମ ସ୍ଥିତ ଏକ ପୋଖରୀରୁ ଘଟୋତ୍ତଳନ କରାଯାଇ ପୂଜାପାଠ କରାଯିବା ପରେ କଳସ ଶୋଭାଯାତ୍ରା କରାଯାଇ କଳସକୁ ଶନିଶ୍ଚର ମନ୍ଦିର ପ୍ରାଙ୍ଗଣ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ବିଜ୍ଞ ପଣ୍ଡିତ ମାନଗୋବିନ୍ଦ ଦାଶ, ଅକ୍ଷୟ କୁମାର ମିଶ୍ର ପୂଜାପାଠ କରିଥିବା ବେଳେ ଦେବେନ୍ଦ୍ର ତ୍ରିପାଠୀ, ବିପିନ ବିହାରୀ ତ୍ରିପାଠୀ, ଦୀପକ ମିଶ୍ର, ଅମରେନ୍ଦ୍ର ପଣ୍ଡା, ଲକ୍ଷ୍ମୀପ୍ରସାଦ ତ୍ରିପାଠୀ ପୂଜାପାଠରେ ସହଯୋଗ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଶିଳ୍ପପତି ପର୍ଶୁରାମ ପେଡା ଓ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ପେଡା, ପବିତ୍ର ମୋହନ ପେଡା ଓ ତାଙ୍କ ଧର୍ମପତ୍ନୀ ତପସ୍ୱିନୀ ପେଡା ଦାୟିତ୍ୱ ତୁଲାଇଥିବା ବେଳେ ତିରିଶ ଗୋଟି କଳସ ଅଣାଯାଇଥିଲା। ପ୍ରଦୀପ କୁମାର ପେଡା, ପ୍ରମୋଦ କୁମାର ପେଡା, ବଳରାମ ଗିରି, ସନ୍ତୋଷ ମୁଦୁଲି, କିଶୋର କୁମାର ବେହେରା, ଉମାକାନ୍ତ ବେହେରା, ନରେନ୍ଦ୍ର ମଲ୍ଲିକ, ମନୋଜ କୁମାର ଶଙ୍ଖୁଆ, ସୁଧୀର କୁମାର ବାରିକ ସମେତ ଆଖପାଖ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଗୁରୁତର ଡ୍ରାଇଭରଙ୍କ ମୃତ୍ୟୁ

**ତୁରୁମୁଙ୍ଗା,୧୦।୫(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ରେଙ୍ଗାଳବେଡା ନିକଟରେ ଗୁରୁବାର ସକାଳେ ଟ୍ରକ ପଛରେ ଆଉ ଏକ ଟ୍ରକ୍ ଧକ୍କା ଦେବା ଫଳରେ ପଛ ଟ୍ରକର ଡ୍ରାଇଭର ଚାପି ହୋଇରହିଥିଲେ। ଘଟଣାସ୍ଥଳରେ ଏନ୍‌ଏଚ୍‌ଆଇ କର୍ମଚାରୀ ପହଞ୍ଚି ଉଧାର କରି ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମେଡ଼ିକାଲକୁ ନେଇ ଭର୍ତ୍ତି କରିଥିଲେ। ତେବେ ଡ୍ରାଇଭରଙ୍କ ଶୁକ୍ରବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ବିହାର ଉଚୁକାନା ଜିଲ୍ଲା ଗୋପାଳଗଞ୍ଜ ଥାନା ଗୋପାଳଗଞ୍ଜ ଗ୍ରାମର ତେଜ୍ ବାହାଦୂର ସିଂ (୫୦)। ଖବର ପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାୟକ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୧୮୦/୨୪ ଏକ ମାମଲା ରୁଜୁ କରି ଦୁର୍ଘଟଣା ଗ୍ରସ୍ତ ଦୁଇ ଗାଡିକୁ ପୁଲିସ ଜବତ କରି ତଦନ୍ତ କରୁଛି।

## ମହାବୀର ହନୁମାନଜୀଉଙ୍କ ବାର୍ଷିକ ଉତ୍ସବ



ସୋସୋ,୧୦।୫(ସମିସ): ହାଟଡିହୀ ବ୍ଲକ ପଢିଆରିପଲ୍ଲି ଗ୍ରାମ ଛକରେ ଥିବା ମହାବୀର ହନୁମାନଜୀଉଙ୍କ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କର୍ତ୍ତାଭାବେ ଜଗବନ୍ଧୁ ରାଉତ ତାଙ୍କ ଧର୍ମପତ୍ନୀ ପ୍ରିତୀପଦ୍ମା ରାଉତ ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତଙ୍କ ଦ୍ୱାରା ରୀତିନୀତି ଅନୁଯାଇ ପୂଜାପାଠ ହୋଇଥିଲା। ଏଥିରେ ଗ୍ରାମର ଗ୍ରାମବାସୀ ଓ ମହିଳାମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଚତୁର୍ଭୁଜ ରାଉତ, ଦିଲକ୍ସ ରାଉତ, ଦିଲୁ ରାଉତ, ବୁଦ୍ଧଦେବା ରାଉତ, ପ୍ରମୋଦ ରାଉତ, ନୃସିଂହ ରାଉତ, ନିରାକାର ପାତ୍ର, ସାନ୍ତୁନୁ ଜେନା, ରିଙ୍କୁ ରାଉତ, କାଠି ଧଳ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

## କବି ଶ୍ରୀଜୟଦେବଙ୍କ ଜୟନ୍ତୀ ପାଳିତ



**କେନ୍ଦୁଝର,୧୦।୫(ସମିସ):** କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ଗୀତଗୋବିନ୍ଦର ରଚୟିତା କବି ଶ୍ରୀଜୟଦେବଙ୍କ ଜୟନ୍ତୀ ଶଙ୍କରପୁର ସ୍ଥିତ ଡିଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ପାଳିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲା ପର୍ଯ୍ୟଟନ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଓ କ୍ରୀଡ଼ା ପ୍ରଶିକ୍ଷକ ରାଜେନ୍ଦ୍ର ସୀ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଛଳରେ ଭକ୍ତକବି ଶ୍ରୀଜୟଦେବଙ୍କୁ ଜଣେ ମହାନ କବି ଭାବେ ବର୍ଣ୍ଣନା କରିଥିଲେ। ତାଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟ ସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। କନିଷ୍ଠ ଭଣ୍ଡାର ରକ୍ଷକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ରଶ୍ମିକାନ୍ତ ମହାନ୍ତ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ।

## ମଲ୍ଲୀପଶିରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ



**ପାଟଣା,୧୦।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶିର ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ହଜାର ହଜାର ସଂଖ୍ୟା ସଂଖ୍ୟାରେ ମା' ଭଉଣୀଙ୍କ ଦ୍ୱାରା ସ୍ଥାନୀୟ ମୂଷାଖୋରୀ ସ୍ଥିତ ମା' ବାସୁଳୀଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ସେମାନଙ୍କୁ ବନ୍ଦାପନା କରାଯାଇଥିଲା। ତିନି ରଥର ରଥକାଠ ନିମନ୍ତେ ଦଇତାପତି ସେବକ ଓ ମହାରଣା ସେବକମାନଙ୍କୁ ଭକ୍ତବୃନ୍ଦଙ୍କ ଦ୍ୱାରା ବନ୍ଦାପନା କରି ବନଜାଗ ଯାତ୍ରା ପାଇଁ ରାଜା ରବିନାରାୟଣ ସିଂ ଓ ମୁଖ୍ୟ ପୂଜକ କୁଳମଣି ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରଭୁଙ୍କ ଧଣ୍ଡା ମାଳ ଦେଇ ବନକୁ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ତତ୍‌ପରେ ରଥକାଠ ମଲ୍ଲିପଶି ଓ ମୂଷାଖୋରୀ ଗ୍ରାମ ଦେଇ ଆସିବା ବେଳେ ସମସ୍ତ ଭକ୍ତ ସେହି ଦାରୁକୁ ବନ୍ଦାପନା କରିଥିଲେ। କର୍ତ୍ତା ଭାବେ ପାର୍ଥ ସାରଥୀ ବେଜ ଓ ଦୀପ୍ତିମୟୀ ବେଜ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେହୁରୀ ବନମାଳୀ ନାଏକ, ମଧୁସୂଦନ ଗଡ଼ନାୟକ, ରଞ୍ଜନ କୁମାର ବାରିକ, ମଗୁଲୁ ମହାନ୍ତ, ମନୋରଞ୍ଜନ ମହାନ୍ତ, ନବକିଶୋର ରଣା, ମନ୍ମଥ ରଣା, ଅନାଦି ମହାନ୍ତ, ବୈରାଗୀ ରଣା, ସୁଦର୍ଶନ ନାଏକ, ପୁରୁଷୋତ୍ତମ ମହାନ୍ତ, ଭାବଗ୍ରାହୀ ମହାନ୍ତ, ନାକୁ ଦାସ, ଭାସ୍କର ଦାସ, ନିରାକାର ରଣା, ଗଣନାଥ ରଣା, ନେତ୍ର ନାଏକ, ନିରାକାର ନାଏକ, ରାମ ନାଏକ, ଚନ୍ଦ୍ରମଣି ନାଏକ, ଋଷି ନାଏକ, ଦୀପ୍ତିମୟୀ ନାଏକ, ସୂର୍ଯ୍ୟମଣି ବେଜ, ବିଷ୍ଣୁପ୍ରିୟା ବେଜ, ସୁନ୍ଦରୀ ରଣା, ସେବ ରଣା, କବିତା ରାଉତ, କଳାବତୀ ପଣ୍ଡା, ଲକ୍ଷ୍ମୀରାଣୀ ଷଡ଼ଙ୍ଗୀ, ପାର୍ବତୀ ରଣା, ମନ୍ଦଦରି ରଣା, ହେମ ରଣା, ରଶ୍ମିତା ରଣା ପ୍ରମୁଖ ସହଯୋଗ କରିଥିଲେ।

## ହଳ ବୁଲାଇଲେ ଧନୁର୍ଜୟ



**ତେଲକୋଇ,୧୦।୫(ସମିସ):** ତେଲକୋଇ ନିର୍ବାଚନ ମଣ୍ଡଳୀର ଖୁଣ୍ଟାପଡା ଗାଁରେ ଅକ୍ଷିମୁଠି ଅନୁକୂଳ କଲେ ବିଜେଡି ସାଂସଦ ପ୍ରାର୍ଥି ଧନୁର୍ଜୟ ସିଧୁ। ଚାଷୀଙ୍କ ବିଧି ପରମ୍ପରା ଅନୁସାରେ ପୂଜା କରିବା ସହ ଅକ୍ଷିମୁଠି ଅନୂକୂଳ କରିଛନ୍ତି। ପାରମ୍ପରିକ ପଦ୍ଧତିରେ ଧୋତି ପିନ୍ଧି ପୂଜା କରିବା ପରେ ଜମିରେ ବିହନ ବୁଣି ହଳ କରିଛନ୍ତି। ଏହି ଅକ୍ଷୟ ତୃତୀୟା ପର୍ବ ଚାଷୀଙ୍କ ବଡପର୍ବ। ଏହି ସମୟରେ ଶ୍ରୀ ସିଧୁଙ୍କ ସହିତ ତେଲକୋଇ ବିଧାନସଭାର ଶତାଧିକ ଚାଷୀ ସାମିଲ ହୋଇଥିଲେ। ମୁଠି ଅନୁକୂଳ ପୂର୍ବରୁ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ପାଇଁ ଦେଇଥିବା ବିକାଶର ଯୋଜନା ଗୁଡ଼ିକୁ ଚାଷୀଙ୍କୁ ବୁଝାଇଥିଲେ।

## ଶିଶୁ ମନ୍ଦିରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର,୧୦।୫(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବର୍ଷ ୨୦୨୩-୨୪ ରେ ନବୋଦୟ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷାରେ ବିଦ୍ୟାଳୟର ୨ ଜଣ, ଆଦର୍ଶ ବିଦ୍ୟାଳୟ ପାଇଁ ୫ ଜଣ ଏବଂ ଆର୍ଯ୍ୟଭଟ୍ଟ ଗଣିତ ମେଧାବୃତ୍ତିରେ ୨୧ ଜଣ ଛାତ୍ରଛାତ୍ରୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା। କମିଟିର ସଭାପତି ବଟକୃଷ୍ଣ ବେହେରା, ସମ୍ପାଦକ ନିରଞ୍ଜନ ଚକ୍ର ଓ ପ୍ରଧାନ ଶିକ୍ଷକ ବଳରାମ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା' ଓ ଅଭିଭାବକ ପରିଚାଳନା କରିଥିଲେ।

## ରାଇଘାଟି ଗ୍ରାମରେ କାନ୍ଥପଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଆନନ୍ଦପୁର,୧୦।୫(ସମିସ):** ସ୍ଥାନୀୟ ଭଣ୍ଡାରିଡିହା ପଞ୍ଚାୟତ ରାଇଘାଟି ଗ୍ରାମରେ ଆଜି ସକାଳ ସମୟରେ ରାଇମଣୀ ଖୁଣ୍ଟିଆ ନାମକ ବୃଦ୍ଧା ଘରେ ଝାଡୁ ମାରୁଥିବା ବେଳେ ମାଟିକାନ୍ଥ ଭାଙ୍ଗି ପଡି ତାଙ୍କ ଉପରେ ପଡିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବର ପାଇ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଆନନ୍ଦପୁର ମେଡିକାଲରେ ପହଞ୍ଚି ମୃତପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ ଖବର ପାଇ ଘସିପୁରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଥିବା ସୂଚନା ମିଳିଛି।

## ଲକ୍ଷ୍ମୀ ନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ



**ସୋସୋ,୧୦।୫(ସମିସ):** ହାଟଡିହୀ ବ୍ଲକ ପଢୀଆରିପଲ୍ଲି ଗ୍ରାମର ଶ୍ରୀଶ୍ରୀ ଲକ୍ଷ୍ମୀ ନାରୟଣ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ସୁରେନ୍ଦ୍ର ରାଉତ ଓ ତାଙ୍କ ଧର୍ମପତ୍ନୀ ଗୋଲାପ ରାଉତ, ସୁଦର୍ଶନ ଧଳ, ଧର୍ମପନୀ ଭାରତୀ ଧଳ ଦାୟିତ୍ୱ ତୁଲାଇଥିବା ବେଳେ ବ୍ରାହ୍ମଣଙ୍କ ଦ୍ୱାରା ରୀତିନୀତି ଅନୁଯାଇ ପୂଜାପାଠ କରାଯାଇଥିଲା। ଗ୍ରାମର ମହିଳାମାନେ ଏଥିରେ ସାମିଲ ହୋଇ ଆର୍ଶିବାଦ ନେଇଥିଲେ। ଚତୁର୍ଭୁଜ ରାଉତ, ଦିଲକ୍ସ ରାଉତ, ଦିଲୁ ରାଉତ, ବୁଦ୍ଧଦେବ ରାଉତ, କାଠି ଧଳ, ନିରାକାର ପାତ୍ର ପ୍ରମୁଖ ଗ୍ରାମବସୀ ସହଯୋଗ କରିଥିଲେ।

## ସରକାରୀ ଜାଗାରେ ଦଳୀୟ ହୋର୍ଡିଂ ମନା

**ଆନନ୍ଦପୁର,୧୦।୫(ସମିସ):** ସରକାରୀ ଜାଗାରେ ଦଳୀୟ ହୋର୍ଡିଂ ଲଗାଇବା ମନା ବୋଲି ଆନନ୍ଦପୁର ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ଫାଲଗୁନୀ ମାଝୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସରକାରୀ ଜାଗା ଉପରେ ଦଳୀୟ ହୋର୍ଡିଂ ଲଗାଯିବାକୁ ନିଷେଧ କରାଯାଇଥିବା ବେଳେ ବେସରକାରୀ ଜାଗାରେ ଜମି ଓ ଘରର ମାଲିକଙ୍କ ଅନୁମତି ନେଇ ହୋର୍ଡିଂ ଲଗାଇ ପାରିବେ ବୋଲି ସୂଚନା ମିଳିଛି। ଆନନ୍ଦପୁର ପୌରପରିଷଦର କିଛି ସରକାରୀ ଜାଗାରେ ଦଳୀୟ ହୋର୍ଡିଂ ଲଗାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଇଥିବାର ଦେଖାଯାଇଛି।

## ଟ୍ରକ୍ ଧକ୍କାରେ ଟ୍ରକ୍ ଚାଳକ ଗୁରୁତର



**ତୁରୁମୁଙ୍ଗା,୧୦।୫(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଚିଲିଦା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ୍ ପଛ ପଟରେ ଆଉ ଏକ ଟ୍ରକ୍ ଧକ୍କା ଦେବା ଫଳରେ ପଛ ଗାଡିର ଡ୍ରାଇଭର ଗାଡି ଭିତରେ ଚାପି ହୋଇ ଗୁରୁତର ହୋଇଛନ୍ତି। ଗାଡି ଭିତରେ ଦୀର୍ଘ ସମୟ ଧରି ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଏନ୍‌ଏଚ୍‌ଆଇ କର୍ମଚାରୀ ଉଦ୍ଧାର କରି ୧୦୮ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ଡ୍ରାଇଭର ହେଲେ ଝାରଖଣ୍ଡ କେଶରୀ ଜୈନଗର ଅଞ୍ଚଳର ସାରୁଖ ଖାନ୍। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଦୁଇ ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

# ଛାତ ନ ପଡ଼ି ଫାଇନାଲ ବିଲ୍

**ତୁରୁମୁଙ୍ଗା,୧୦।୫(ସମିସ)**



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କୋଉଠି ପ୍ରଧାନମନ୍ତ୍ରୀ ଆବାସର ସହାୟତା ଅର୍ଥରେ ବିଶାଳ ଛାତ କର ନିର୍ମାଣ କାରାଯାଇଛି ତ ଆଉ କୋଉଠି ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯାଇ ଦୋକାନ କରାଯାଇଛି। ତେବେ ପାଟଣା ବ୍ଲକ ବୁଢୀକାପୁଡି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଖୋଦ ପଞ୍ଚାୟତର ସରପଞ୍ଚ ମମତାମୟୀ ନାଏକ ଶୁକ୍ରବାର ପାଟଣା ବିଡିଓ ଶିବଶଙ୍କର ମୁର୍ମୁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତର ତେନ୍ତୁଳୀଖୁଣ୍ଟି ଓ ପୁରନ୍ଦରପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଛି। ତେନ୍ତୁଳୀଖୁଣ୍ଟି ଓ ପୁରନ୍ଦରପୁର ଗ୍ରାମର ବିମଳା ମହାନ୍ତ କୋଡନମ୍ବର ଓଆର୍ ୧୫୩୧୧୫୧୯୩, ଗ୍ରାମର ଦ୍ରୋପଦୀ ମହାନ୍ତ ପିତା କୃପାସିନ୍ଧୁ ମହାନ୍ତ ପଞ୍ଜୀକରଣ ନମ୍ବର ଓଆର୍ ୧୫୩୬୩୫୮୩୦ ତାରିଖ ୨୮-୯-୨୦୨୩ରେ ରୁଫ୍ ଲେଭୁଲ ଫଟୋ ଏବଂ ୨୦-୧୦-୨୦୨୩ରେ ଛାତର ସମ୍ପୂର୍ଣ୍ଣ ଫଟୋ ଅପଲଡ଼ ହୋଇଥିବା ଏବଂ ଜମା ଖାତାକୁ ଶେଷ କିସ୍ତି ଟଙ୍କା ଆସିଛି। ହେଲେ ଏପର୍ଯ୍ୟନ୍ତ ଛାତ ପଡ଼ିନାହିଁ। ସେହିପରି ତେନ୍ତୁଳିଖୁଣ୍ଟିର ବାଗୁନ ମୁଣ୍ଡାଙ୍କ ଘର ରେଜିଷ୍ଟ୍ରେସନ ନମ୍ବର ଓଆର୍ ୧୫୩୬୩୫୮୧୨ ତାରିଖ ୨୪-୧୧-୨୩ରେ ରୁଫ ଫଟୋ ଏବଂ ୨୩-୧-୨୦୨୪ରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇ ଜମା ଖାତାକୁ ଟଙ୍କା ଆସିଥିଲେ ମଧ ଛାତ ପଡ଼ିନାହିଁ। ଦୁଇଜଣଙ୍କର ଜମା ଖାତାକୁ ୧୫-୩-୨୪ ଶେଷ ଟଙ୍କା ଆସିଛି। ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଟଣାସ୍ଥଳକୁ ସରପଞ୍ଚ ମମତାମୟୀ ଯାଇ ଛାତ ସମ୍ପୂର୍ଣ୍ଣ ହୋଇ ନଥିବା ଦେଖିବାକୁ ପାଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ ଛାତ ପଡିଲା ପରେ ଯାଇ ସମ୍ପୂର୍ଣ୍ଣ ଟଙ୍କା ହିତାଧିକାରୀଙ୍କ ଜମା ଖାତାକୁ ଆସିବା କଥା। ହେଲେ ଏଠାରେ ତଞ୍ଚକତା କରାଯାଇ ମିଥ୍ୟା ଫଟୋ ଅନ୍‌ଲାଇନ୍‌ରେ ଦର୍ଶାଯାଇ ହିତାଧିକାରୀଙ୍କ ଜମା ଖାତାକୁ ଟଙ୍କା କିପରି ଆସିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରପଞ୍ଚଙ୍କ ଠାରୁ ଅଭିଯୋଗ ପାଇବା ପରେ ବିଡିଓ ଘଟଣାସ୍ଥଳକୁ ସହକାରୀ ଯନ୍ତ୍ରୀଙ୍କୁ ପଠାଇଥିବା ଜଣାପଡ଼ିଛି। ତଦନ୍ତ ପରେ କିପରି ଘର ସମ୍ପୂର୍ଣ୍ଣ ନ କରି ଶେଷ କିସ୍ତି ଟଙ୍କା ହିତାଧିକାରୀଙ୍କ ଜମା ଖାତାକୁ ଗଲା ତାହା ଜଣାପଡିବ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ବେହେରା କହିଛନ୍ତି।



# ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

କୌଣସି ଦେଶ ଶକ୍ତିଶାଳୀ ହେବା ପଛରେ ଟେକ୍ନୋଲୋଜିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ୧୯୯୯ ମସିହାରୁ ପ୍ରତିବର୍ଷ ମେ' ୧୧ ତାରିଖରେ ପାଳନ କରାଯାଉଛି ନେସନ୍ୟାଲ ଟେକ୍ନୋଲଜି ଡେ' ବା 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ' । ଇତିହାସରେ ଏହି ଦିନ ଭାରତ ସ୍ୱଦେଶୀ ଜ୍ଞାନ କୌଶଳରେ ବ୍ୟାପକ ଅଗ୍ରଗତି କରିଥିଲା । ନିଜର ଦକ୍ଷତାକୁ ମନେ ପକାଇବାକୁ ଯାଇ ଭାରତ ପ୍ରତିବର୍ଷ ଏହି ଦିବସ ପାଳନ କରୁଛି । ଏହି ଦିନ ପ୍ରଥମେ ସ୍ୱଦେଶୀ ଏୟାରକ୍ରାଫ୍ଟ 'ହଂସ-୩'ର ବେଙ୍ଗାଲୁରୁଠାରେ ସଫଳ ପରୀକ୍ଷଣ କରାଯାଇଥିଲା । ତ୍ରିଶୂଳ କ୍ଷେପଣାସ୍ତ୍ରର ପରୀକ୍ଷଣ ମଧ୍ୟ ଭାରତ ସେହିଦିନ କରିଥିଲା ।

୧୯୯୮ ମସିହା ମେ' ୧୧ ତାରିଖରେ ପୋଖରାନରେ ଦ୍ୱିତୀୟ ସଫଳ ପରମାଣୁ ପରୀକ୍ଷଣ କରିଥିଲା । ଏହି ପରୀକ୍ଷଣ ସଫଳ ହେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଦିନକୁ 'ନ୍ୟାସନାଲ ଟେକ୍ନୋଲୋଜି ଡେ' ଭାବେ ପାଳନ କରିବାକୁ ଘୋଷଣା କରିଥିଲେ । ଏହି ପରୀକ୍ଷା ପରେ ଭାରତ 'ପରମାଣୁ କ୍ଲବ୍'ରେ ଷଷ୍ଠ ଦେଶ ଭାବେ ସାମିଲ ହୋଇଥିଲା । ଏହାପରେ ଭାରତ ଏକ ଅଣୁଶକ୍ତି ସମ୍ପନ୍ନ ରାଷ୍ଟ୍ର ଓ ଅଣୁ ଶକ୍ତିରୁ ଇନ୍ଧନ ସୃଷ୍ଟିକାରୀ ରାଷ୍ଟ୍ରଭାବେ ଭାବେ ବିଶ୍ୱଦରବାରରେ ପରିଚିତ ହେଲା । ଶିକ୍ଷାନୁଷ୍ଠାନ ତଥା ବିଜ୍ଞାନ ଏବଂ ବୈଷୟିକ ଶିକ୍ଷା ସହିତ ସଂପୃକ୍ତ ଅନୁଷ୍ଠାନଗୁଡ଼ିକ ଏହି ଦିବସକୁ ଭାରତର ବୈଷୟିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପାଳନ କରିଥାନ୍ତି । ଏହି ଦିନ 'ପ୍ରାଦ୍ୟୋଗିକ ବିକାଶ ବୋର୍ଡ' ବୈଜ୍ଞାନିକ, ଇଞ୍ଜିନିୟର ତଥା ଟେକ୍ନୋଲୋଜିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବିଶେଷଜ୍ଞଙ୍କୁ ସମ୍ମାନିତ କରିଥାଏ ।

- ୧୯୫୧- ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ କଲେ ।
- ୧୯୫୫- ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କଲା ।
- ୧୯୬୦-ପ୍ରଥମ ଗର୍ଭନିରୋଧ ଔଷଧ ବଜାରକୁ ଆସିଲା ।
- ୧୯୬୫-ବାଂଲାଦେଶରେ ଆସିଥିବା ତୋଫାନ୍ ଯୋଗୁଁ ୧୭ ହଜାର ଲୋକଙ୍କ ମୃତ୍ୟୁ ।
- ୧୯୮୮- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା ।
- ୧୯୯୮- ରାଜସ୍ଥାନର ପୋଖରାନ୍‌ରେ ତିନୋଟି ପରମାଣୁ ପରୀକ୍ଷା କରାଗଲା ।
- ୨୦୦୨-ବାଂଲାଦେଶରେ ଏକ ନୌକା ବୁଡ଼ି ୩୭୮ ଲୋକଙ୍କ ମୃତ୍ୟୁ ।

ଆଜି ବାହୁଡ଼ିଥିଲେ

# ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡା



ଓଡ଼ିଶାରେ ଆର୍ଯ୍ୟ ସମାଜର ପ୍ରାଣ ପ୍ରତିଷ୍ଠାତା ତଥା ଗଞ୍ଜାମ ଜିଲ୍ଲାର ପ୍ରଥମ ଗ୍ରାଜୁଏଟ ଏବଂ ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କର ଆଜି ପୁଣ୍ୟତିଥି । ତାଙ୍କୁ ଓଡ଼ିଶାର ବିଦ୍ୟାସାଗର କୁହାଯାଏ । ଜାତିପ୍ରଥା, ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷା, ଗୋରକ୍ଷା ଆଦି ଦିଗରେ ତାଙ୍କର ଯୋଗଦାନ ଅତୁଳନୀୟ । ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିକଟବର୍ତ୍ତୀ ମନ୍ଦାର ଗ୍ରାମରେ ୧୮୭୦ ମସିହା ଅକ୍ଟୋବର ୧ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ଶ୍ରୀବତ୍ସଙ୍କ ପରିବାର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାର ଥିଲା । ମାଟ୍ରିକ୍ ପଢୁଥିବା ସମୟରେ ତାଙ୍କର ପ୍ରଥମ ପ୍ରବନ୍ଧ 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶ ପାଇଥିଲା । ଏହାପରେ ତାଙ୍କର ଲେଖା 'ପ୍ରଜାବନ୍ଧୁ', 'ଉତ୍କଳବାସୀ', 'ଉତ୍କଳ ଦର୍ପଣ', 'ଉତ୍କଳ ସେବକ', 'ଉତ୍କଳ ବାର୍ତ୍ତା', 'ଉତ୍କଳ ଦୀପିକା' ଆଦିରେ ପ୍ରକାଶିତ ହୋଇ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିଲା । ଆନ୍ଧ୍ରର ରାଜମହେନ୍ଦ୍ରୀ କଲେଜରେ ଦର୍ଶନ ଶାସ୍ତ୍ରରେ ବି.ଏ କରିବା ସମୟରେ ସେ ରାଜ୍ୟର ବିଖ୍ୟାତ ସଂସ୍କାରକ ବୀରେଶଲିଙ୍ଗମ୍ ପାନ୍ତୁଲୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ । ଏହାପରେ ମାତ୍ର ୨୦ ବର୍ଷ ବୟସରେ ସେ ସବ୍ ରେଜିଷ୍ଟ୍ରାର୍ ପଦବିରେ ଯୋଗ ଦେଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ସବ୍ ରେଜିଷ୍ଟ୍ରାର୍ ଭାବେ କାର୍ଯ୍ୟ କରିବା ପରେ ସେ ୧୯୨୦ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ସରକାରୀ ଚାକିରିରେ ସେ ଯେଉଁସ୍ଥାନରେ ରହୁଥିଲେ ସେଠାକାର ସ୍ଥାନୀୟ ଲୋକଙ୍କୁ ବୁଝାଇ ସେଠାରେ ବାଳିକାଙ୍କ ପାଇଁ ବିଦ୍ୟାଳୟ ସ୍ଥାପନା କରିବା, ପରଦା ପ୍ରଥାର ବିଲୋପ, ଅସ୍ପୃଶ୍ୟତା ଦୂରୀକରଣ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ସ୍ୱରାଜ ପ୍ରାପ୍ତି ନିମନ୍ତେ ସେ ଉଦ୍ୟମ ଅବ୍ୟାହତ ରଖିଥିଲେ । ଭଞ୍ଜନଗର ନିକଟବର୍ତ୍ତୀ ତନରଡ଼ାଠାରେ ସେ ଗୋରକ୍ଷାଶ୍ରମ, ବେଦଭବନ ଓ ଆର୍ଯ୍ୟକନ୍ୟା ଗୁରୁକୁଳ ଆଦି ପ୍ରତିଷ୍ଠା କରିଥିଲେ । ଅସୁସ୍ଥତା ସତ୍ତ୍ୱେ ତାଙ୍କୁ ଦୁଇଥର ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ ମନୋନୀତ କରାଯାଇଥିଲା । ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ ସେ ନିଜସ୍ୱ ବ୍ୟୟରେ ଗଞ୍ଜାମର ରସୁଲକୋଣ୍ଡା (ବର୍ତ୍ତମାନର ଭଞ୍ଜନଗର) ଠାରେ ସେ 'ସ୍ୱଦେଶୀ ପ୍ରେସ୍' ନାମକ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ । ତାଙ୍କ ସମ୍ପାଦନାରେ ବ୍ରହ୍ମପୁରରୁ 'ସଂସ୍କାର' ଏବଂ ବେଲଗୁଣ୍ଠା ପଲ୍ଲୀବାସୀ ପ୍ରେସ୍‌ରୁ 'ଆର୍ଯ୍ୟ' ନାମକ ମାସିକ ପତ୍ରିକା ପ୍ରକାଶ ପାଉଥିଲା । ଦୟାନନ୍ଦ ସରସ୍ୱତୀଙ୍କ 'ସତ୍ୟାର୍ଥ ପ୍ରକାଶ'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ । ସେ ନିଜର ଅଧିକାଂଶ ସମ୍ପତ୍ତି ଶିକ୍ଷାର ପ୍ରସାର, ସମାଜ ସଂସ୍କାର ଓ ବେଦର ପ୍ରଚାର ପାଇଁ ଦାନ କରିଥିଲେ । ୧୯୪୩ ମସିହା ଆଜିର ଦିନରେ ଏହି ସମାଜ ସଂସ୍କାରକଙ୍କ ଦେହାବସାନ ଘଟିଥିଲା ।

# ବିବାହକୁ ନେଇ ମୁହଁ ଖୋଲିଲେ ଜାହ୍ନବୀ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଅନେକ ଦିନରୁ ଶିଖର ପହାଡ଼ିଆଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଅନେକ ସମୟରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳେ । 'ମୈଦାନ' ଫିଲ୍ମର ସ୍କ୍ରିନିଂ ସମୟରେ ସେ 'ଶିଖୁ' ନାମରେ ଏକ ପେଣ୍ଡାଣ୍ଟ ପିନ୍ଧିଥିବାର ଦେଖାଯାଇଥିଲା । ଏହା ଶିଖରଙ୍କ ଡାକନାମ । ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଭାଇରାଲ୍ ହୋଇଥିଲା । ଏହି ପୋଷ୍ଟରେ ଜାହ୍ନବୀ ଶିଖରଙ୍କୁ ତିରୁପତି ବାଲାଜି ମନ୍ଦିରରେ ବିବାହ କରିବେ ବୋଲି କୁହାଯାଇଥିଲା । ବିବାହ ସମୟରେ ସେ ସୁନେଲି ରଙ୍ଗର ଏକ ଶାଢ଼ି ପିନ୍ଧିବେ ବୋଲି ମଧ୍ୟ କୁହାଯାଇଥିଲା । ଏହି ପୋଷ୍ଟ ଉପରେ ଜାହ୍ନବୀଙ୍କର ନଜର ପଡ଼ିବା ମାତ୍ରେ 'କିଛି ବି' ବୋଲି ସେ ଉଲ୍ଲେଖ କରିଥିଲେ । ଜାହ୍ନବୀ ଏଥିରେ ପ୍ରତିକ୍ରିୟା ରଖି ଶିଖରଙ୍କ ସହିତ ତାଙ୍କ ବିବାହ ଖବର ଗୁଜବ ବୋଲି ପ୍ରମାଣ କରି ଦେଇଥିଲେ । କିଛିଦିନ ପୂର୍ବରୁ କରନ୍ ଜୋହର୍ ତାଙ୍କ ଚାଟ୍ ଶୋ'ରେ ଜାହ୍ନବୀଙ୍କୁ ଯେତେବେଳେ ପଚାରିଥିଲେ- ସ୍ପିଡ୍ ଡାଏଲ୍ ତାଲିକାରେ ତିନି ଜଣଙ୍କ ନାମ କୁହନ୍ତୁ । ଏହାର ଜବାବରେ ଜାହ୍ନବୀ କହିଥିଲେ ପାପା(ବୋନି କପୁର, ଖୁସୁ (ଜାହ୍ନବୀଙ୍କ ସାନ ଭଉଣୀ ଖୁସି କପୁର) ଓ ଶିଖୁ(ଶିଖର ପହାଡ଼ିଆ) । ଶିଖର ଓ ଜାହ୍ନବୀ ସମ୍ପର୍କ ବହୁତ ପୁରୁଣା । ମଝିରେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା । ପରେ ପୁଣି ପ୍ୟାଚଅପ୍ ହୋଇ ଯାଇଥିଲା । ଜାହ୍ନବୀଙ୍କ କାମ କଥା କହିବାକୁ ଗଲେ, ସେ ବହୁତ ଜଲ୍‌ଦି ରାଜକୁମାର ରାଓଙ୍କ ସହ 'ମିଷ୍ଟର ଆଣ୍ଡ ମିସେସ୍ ମାହି'ରେ ଦେଖାଯିବେ । ଏହାବାଦ୍ ସାଉଥ୍ ଫିଲ୍ମ 'ଦେବରା' ଓ 'ଆର୍‌ସି ୧୬'ରେ ମଧ୍ୟ ଦେଖାଯିବେ ।

**ମେଷ:** ଦିନଟି ଭଲରେ କଟିବ । ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ମନ ପ୍ରସନ୍ନ ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଆୟ ଓ ବ୍ୟୟ ସମାନ ରହିବ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ । ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିପାରନ୍ତି । ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି । ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ । ପରିବାର ଲୋକଙ୍କ ସମୟଅଧିକ ସମୟ ବିତାଇ ପାରନ୍ତି । ଭଜନ, କୀର୍ତ୍ତନରେ ସାମିଲ ହେବେ ।

# ସୁମନ

## ଅକ୍ଷୟ ତୃତୀୟା



ଜଗଦୀଶ ସାହୁ

ଖରା ଖାଇ ମାଟି ଫାଳ ଫାଳ ଫାଟି
ପାଟି ଆଁ କରି ରହିଲା
ଆସି ମେଘଭାଇ ଦେ'ତୁ ଭିଜେଇ
ଚାଷୀ ହାତ ଯୋଡ଼ି କହିଲା !
ଭିଜିଲେ ଧରଣୀ ଅଖିମୁଠି ବୁଣି
ଅକ୍ଷୟ ତୃତୀୟା ଦିନରେ
ଚାଷ ଆରମ୍ଭିବୁ ପରବ ପାଳିବୁ
ଆନନ୍ଦ ଉଲ୍ଲାସ ମନରେ !
ସଠିକ ବେଳରେ ବସୁଧା କୋଳରେ
ସୁନାର ଫସଲ ଫଳିବ
କୃପା କଲେ ହରି ପେଟକୁ ସବୁରି
ଆହାର ମୁଠାଏ ମିଳିବ !■

ସଂଜପଡ଼ା, ହିନ୍ଦୋଳ
ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬

## ପହେଲି

- ନୂଆ ଗଉଣୀକୁ ସଜେଇ ସିଏ
ବିହନ ଭରିକି ମୁଣ୍ଡରେ ଥୁଏ
ସାଥିରେ ନେଇ ସେ ହଳ ଲଙ୍ଗଳ
କ୍ଷେତକୁ ତାହାର ଯାଏ ସଅଳ
ଚାଷ ଅନୁକୂଳ କରିବା ପାଇଁ
ଖୁସିରେ ବିଭୋର ହୁଅଇ ସେହି
ବୈଶାଖ ଶୁକ୍ଳ ତୃତୀୟା ଦିନ
ଖୁସିରେ ନାଚଇ କୃଷକ ମନ
ଏ ଅଟେ କୃଷକ ଦିବସଟିଏ
ନାମଟି ତାହାର କହିବ କିଏ ?
ଉ- ଅକ୍ଷୟ ତୃତୀୟା



- ସେହି ଦରବରେ ଝୋଟି ପକେଇ
ଚନ୍ଦନ ସିନ୍ଦୂରରେ ତାକୁ ସଜେଇ
ଅଖିମୁଠି ଧାନ ସେଥିରେ ଥୋଇ
କ୍ଷେତକୁ ନିଅଇ କୃଷକ ଭାଇ
ଚାଷୀ ଭାଇ ଘରେ ଥିବ ତ ସେହି
ନାମ ତା'ର କିଏ ପାରିବ କହି ?
ଉ-ଟୋକେଇ

- ବରଷା ଖରାକୁ ଖାତିରି ନାହିଁ
ଯାଉଥାଏ ସଦା ବିଲକୁ ଧାଇଁ
ରହିଥାଉ ଯେତେ ଜଞ୍ଜାଳେ ସିଏ
ନିଜର କର୍ତ୍ତବ୍ୟ ଭୁଲି ନଯାଏ
ଅନ୍ୟର ପେଟକୁ ଦାନା ସେ ଦିଏ
ନାମଟି ତାହାର କହିବ କିଏ ?
ଉ-କୃଷକ ଭାଇ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର, ମୋ-୮୩୧୦୩୨୮୩୪୫

# ବିଲୁଆ ବଡ଼ ଚତୁର





ସୁଧାଂଶୁ ଶେଖର ଦ୍ୱିବେଦୀ

ଜଙ୍ଗଲର ଗୋଟେ ଗୁମ୍ଫାରେ ବୁଢ଼ା ବିଲୁଆଟିଏ ରହୁଥାଏ । କିଛିଦିନ ଧରି ତାକୁ ଖାଇବାକୁ ନ ମିଳିବାରୁ ଭୋକରେ ବ୍ୟାକୁଳ ହୋଇ ନିକଟସ୍ଥ ଗାଁରେ ପଶିଲା । ଜଣେ ଚାଷୀର ଭାଡ଼ିରୁ କୁକୁଡାଟେ ଉଠେଇଆଣି ଜଙ୍ଗଲର ଗୋଟେ ଗଛ ତଳେ ବସି ଆରାମରେ ଖାଇବାକୁ ଲାଗିଲା । ସେହି ଗଛର ଡାଳରେ ଡାମରା କୁଆଟିଏ ବସିଥାଏ । ବିଲୁଆର କୁକୁଡ଼ାଖିଆ ଦେଖି ତା' ପାଟିରୁ ବି ଲାଳ ବହିଲା । କିନ୍ତୁ ଭୟରେ ବିଲୁଆ ନିକଟକୁ ଆସିପାରୁ ନ ଥାଏ । ତୁରନ୍ତ ସେ ବଡ଼ ଜୋରରେ କାଆ..କାଆ.. ରାବିଲା । ତା' ରାବ ଶୁଣି ସାଥୀ କୁଆମାନେ ଠୁଳ ହୋଇ ତାହାରି ଭଳି ରାବିବାକୁ ଲାଗିଲେ । ଜଙ୍ଗଲ ରାସ୍ତାରେ ଯାଉଥିବା ଜଣେ ଚାଷୀ କୁଆଙ୍କ ରାବ ଶୁଣି କିଛି ଅଘଟଣ ଘଟିଛି ଭାବି ଗଛ ନିକଟକୁ ଆସି ଦେଖେତ ବୁଢ଼ା ବିଲୁଆ କୁକୁଡ଼ା ଖାଉଛି । ଚାଷୀ ଜାଣିପାରିଲା, ବିଲୁଆ ଗାଁରୁ କୁକୁଡ଼ା ଧରି ଆଣିଛି । ସହସା ସେ ପାଟି କରି ଅନ୍ୟ ଗ୍ରାମବାସୀଙ୍କୁ ଡାକ ମାରିଲା । ତା' ଡାକରା ଶୁଣି କେତେକ ଗ୍ରାମବାସୀ ହାତରେ ଠେଙ୍ଗା, ବାଡ଼ି ଧରି ପହଞ୍ଚି ବିଲୁଆକୁ ଘଉଡ଼େଇଲେ । ଏତେଗୁଡ଼ିଏ ଲୋକଙ୍କ ଆକ୍ରମଣରେ ବିଚରା ବିଲୁଆ କୁକୁଡ଼ାକୁ ଅଧାଖିଆରେ ଛାଡ଼ି ଜଙ୍ଗଲ ଭିତରକୁ ଦଉଡ଼ି ପଳାଇଲା । ବିଲୁଆ ଯିବା ପରେ ଡାମରାକାଉ ଓ ତା' ସାଥୀମାନେ କୁକୁଡ଼ା ମାଂସ ଭୋଜିରେ ମାତିଗଲେ । ବିଲୁଆ ମନେମନେ ଭାରି ରାଗିଗଲା । କୁଆଙ୍କ ପାଇଁ କୁକୁଡ଼ା ମାଂସ ପୂରା ଖାଇପାରିଲା ନାହିଁ । ମନରେ ଗଣ୍ଠି ବାନ୍ଧିଲା, ଯେମିତିହେଉ କୁଆମାନଙ୍କଠାରୁ ପ୍ରତିଶୋଧ ନେବ । ଥରେ କିଛି ଦିନଯାଏ ସେ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଲା । କୁଆମାନଙ୍କର ବସା ବର୍ଷାମାଡ଼ରେ ଛିଡ଼ିପଡ଼ିଲା । ଡାମରା କୁଆ ଓ ତା' ସାଥୀ କୁଆମାନେ ବର୍ଷାମାଡ଼ ଖାଇ ଶୀତରେ ଥରିବାକୁ ଲାଗିଲେ । ବିଲୁଆ ଡାମରା କୁଆକୁ ଦେଖି କହିଲା-ଡାମରା ଭାଇ! ତୁମେମାନେ ଯଦି ଚାହିଁବ, ଏ ଝଡ଼ ବର୍ଷାରୁ ରକ୍ଷା ପାଇବା ଲାଗି ମୋ ଗୁମ୍ଫାରେ ରହିପାରିବ । କୁଆମାନେ ଶୀତରେ ଥରୁଥାନ୍ତି । ବିଲୁଆ କଥାକୁ ମାନି ଗୁମ୍ଫାରେ ରହିବାକୁ ୩୦ଟି କୁଆ ରାଜି ହୋଇଗଲେ । ହଠାତ୍ ଦିନେ ରାତିରେ ୧୦ଟି କୁଆ କମିଗଲେ । ଡାମରା କୁଆ ବିଲୁଆକୁ ପଚାରିଲା-ବିଲୁଆ ଭାଇ! କାଲି ରାତିରୁ ୧୦ଟି କୁଆ ଗୁମ୍ଫାରେ ନାହାନ୍ତି । ସେମାନେ ଗଲେ କୁଆଡ଼େ? ଚତୁର ବିଲୁଆ ଉପାୟ ଖଞ୍ଜି କହିଲା- ସେମାନେ ରାତିରେ ଗୁମ୍ଫା ଛାଡ଼ି ଅନ୍ୟଆଡ଼େ ଚାଲିଗଲେ । କାହିଁ ମୋତେ ତ କିଛି ଜଣାଇ ନାହାନ୍ତି? ଡାମରା ଆଶ୍ଚର୍ଯ୍ୟ ହୋଇ ପଚାରିଲା । ସେମାନେ ତୋ' ଉପରେ ବୋଝ ହୋଇ ରହିବାକୁ ଇଚ୍ଛା ନ କରି ନିଜ କାମ ନିଜେ କରିପାରିବେ ବୋଲି କହି ଉଡ଼ିଗଲେ । ଡାମରା ବିଲୁଆ କଥାକୁ ସତ ଭାବି ଚୁପ୍ ରହିଲା । ପୁଣି କିଛିଦିନ ପରେ ଆଉ ୧୦ଟି କୁଆ ଗୁମ୍ଫାରୁ କମିଗଲେ । ଡାମରା ପୁଣିଥରେ ପଚାରିବାରୁ ବିଲୁଆ ବଡ଼ ସରଳତା ଦେଖାଇ କହିଲା-କାଲି ରାତିରେ ୧୦ଟି କୁଆ ମୋ ପାଖକୁ ଆସି କହିଲେ-୧୦ଜଣ ସାଥୀ ଆମଠାରୁ ଚାଲି ଯିବାରୁ ମନ ଗୋଟେଇ ହେଉଛି । ଆମେମାନେ ଯାଉଛୁ ସେମାନଙ୍କୁ ଖୋଜି ଆଣିବୁ । ରାତି ଭିତରେ ସେମାନେ ତାଙ୍କ ସାଥୀଙ୍କୁ ଖୋଜିବା ପାଇଁ ଗୁମ୍ଫା ଛାଡ଼ି ଚାଲିଗଲେ । ବିଲୁଆର ଚତୁର ପଣିଆକୁ ଡାମରା ଆଦୌ ବୁଝିପାରୁ ନ ଥାଏ । ସତକଥା ହେଉଛି, ବିଲୁଆ ରାତିରେ ୧୦-୧୦ କରି ଦୁଇଥର ୨୦ଟି କୁଆ ଖାଇ ସାରିଥାଏ । ଅବଶିଷ୍ଟ ୧୦ଟି କୁଆ କେମିତି ଖାଇବ, ସେଇ ଯୋଜନାରେ ଥାଏ । ତା'ପର ରାତିରେ ସବୁ କୁଆ ଚୁପ୍‌ଚାପ ଶୋଇଥାନ୍ତି । ବିଲୁଆ ଅବଶିଷ୍ଟ ୯ଟି କୁଆ ସହିତ ଡାମରାକୁ ମଧ୍ୟ ମାରି ଖାଇଦେଲା । ନିଜ ଅପମାନର ପ୍ରତିଶୋଧ ନେବାପାଇଁ ଚତୁରତା ସହକାରେ ବିଲୁଆ ୩୦ଟି କୁଆକୁ ଖାଇବା ପରେ ଶାନ୍ତ ହେଲା ।■



ସଲ୍ଟ ଲେକ୍, କଲକତା
ମୋ-୯୬୮୧୩୭୩୫୧୨



ତପନ କୁମାର ସ୍ୱାଇଁ

ଦିନୁ ଦିନ ଖରା ବଢୁଛି ଏମିତି
ପଦାକୁ ହେଉନି ବାହାରି,
ଗଛଟିଏ ନାହିଁ ବାଡ଼ି ବଗିଚାରେ
ଦେଖିବ ଆସୁନ କାହାରି ।
କଂକ୍ରିଟ୍‌ରେ ଗଢ଼ା ରାସ୍ତାଘାଟ ଘର
ଉତ୍ତାପରେ ରହି ହେଉନି,
ପାଣି ମୁନ୍ଦେ କିଏ ମାଗିଲେ ଦାଣ୍ଡରେ
ପଦାକୁ ବାହାରି ଦେଉନି ।
ବୁଲା ଗୋରୁ ଗାଈ, କୁକୁର, ବିଲୁଆ
ତହଳ ବିକଳ ହୁଅନ୍ତି,
ଗଛ ଥିଲା ବେଳେ ଖରା ଦିନେ ସବୁ
ଗଛ ଛାଇ ଦେଖି ଶୁଅନ୍ତି ।
ବନ୍ୟା, ବାତ୍ୟାଠାରୁ ରକ୍ଷା ପାଇବାକୁ
କୋଠାଘର ସିନା ଗଢ଼ିଲେ,
ଗଛ କାଟିବାକୁ କୋଉ ବହିଠାରୁ
ଏଇ କଥା କ'ଣ ପଢ଼ିଲେ !
ସୁଖରେ ଦୁଃଖରେ ମାଆ ପରି ସିଏ
ଆମ କଥା ନିତି ବୁଝଇ,
ନିଜ ଜୀବନକୁ ଦାନ କରି ଦେଇ
ଆମ ରଣ ସିଏ ଶୁଝଇ ।
ଦୁନିଆରେ ଯେତେ ଉପକାରୀ ବନ୍ଧୁ
ଗଛଠାରୁ ସବୁ ପଛରେ,
ତା' ଠାରୁ ଅଧିକ ଉପକାରୀ ଆଉ
କିଏ କୁହ ଜଣେ ଅଛରେ ।■

ମହାନଦୀ ବିହାର, କଟକ
ମୋ - ୯୦୪୦୦୩୩୩୯୦

## ସକାଳ ଶିଶୁ କୁଇଜ୍-୧୧୭

(୧) 'ଲାବଣି' କେଉଁ ରାଜ୍ୟର ଲୋକନୃତ୍ୟ?
ଉତ୍ତର : ______

(୨) ବଦ୍ରିନାଥ ମନ୍ଦିର ଭାରତ କେଉଁ ରାଜ୍ୟରେ ଅଛି?
ଉତ୍ତର : ______

(୩) ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ କିଏ ଥିଲେ?
ଉତ୍ତର : ______

(୪) ଭାରତର ପ୍ରଥମ ସବାକ୍ ଚଳଚ୍ଚିତ୍ରର ନାମ କ'ଣ?
ଉତ୍ତର : ______

(୫) 'ଦେଶବନ୍ଧୁ' ଉପାଧି କେଉଁ ମହାପୁରୁଷଙ୍କୁ ଦିଆଯାଇଛି?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଗତ ସପ୍ତାହର କୁଇଜ୍ ବିଜେତା
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଓମ୍ ପ୍ରକାଶ ରଣା, ଚକେଇସିହାଣି, ଭୁବନେଶ୍ୱର
- ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାମଲ, ପାରାଦୀପ

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯











ଶାନ୍ତନୁ ଶାନ୍ତିସ୍ୱରୂପ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



ଉପାଲି ବେହେରା
ଷଷ୍ଠ ଶ୍ରେଣୀ
ଅମ୍ରିତା ବିଦ୍ୟାଳୟମ୍
ଯାଁଳା, ଭୁବନେଶ୍ୱର



ବିଘ୍ନେଶ ନନ୍ଦନ ମେଣ୍ଡାଲି
ପ୍ରଥମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮
ଭୁବନେଶ୍ୱର



ପ୍ରିୟମ୍ବଦା ହୋତା
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର

